ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK ପର୍ଯ୍ୟବେକ୍ଷକ
Vol.26. No.76 Bhubaneswar Thursday April 27, 2023 ୨୬ତମ ବର୍ଷ ସଂଖ୍ୟା-୭୬ ଭୁବନେଶ୍ୱର, ଗୁରୁବାର, ଅପ୍ରେଲ ୨୭,୨୦୨୩ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹1.50 (Air Surcharge - 0.50P) Member-INS

# ନକ୍ସଲ ହମଲାରେ ୧୧ ଯବାନ ସହିଦ



**ରାଏପୁର:** ନକ୍ସଲ ତଥା ମାଓବାଦୀ କାର୍ଯ୍ୟକଳାପକୁ ଦମନ କରିବା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାରମାନଙ୍କ ଉଦ୍ୟମଜାରି ରହିଥିବା ବେଳେ ଆଜି ସେ ଦିଗରେ ଲାଗିଛି ଏକ ଶକ୍ତ ଝଟକା। ସରକାର ଏବଂ ଯବାନ ତଥା ପୁଲିସକଉ ଖୋଲା ଚାଲେଞ୍ଜ ଦେବାକୁ ଯାଇ ନକସଲମାନେ ଛତିଶଗଡ଼ରେ କଣିଛନ୍ତି ଏକ ବଡ଼ ଧରଣର ହମଲା। ଦନ୍ତେୱାଡ଼ାରେ ସେମାନେ ଘଟାଇଛନ୍ତି ଆଇଇଡି ବିସ୍ଫୋରଣ। ଏଥିରେ ୧୧ ଜଣ ଯବାନ ସହିଦ ହୋଇଛନ୍ତି। ବିସ୍ଫୋରଣରେ ଯବାନଙ୍କ ଗାଡ଼ି ଧ୍ୱଂସ ପାଇଯାଇଛି। ସମସ୍ତେ ଘଟଣାସ୍ଥଳରେ ହିଁ ପ୍ରାଣ ହରାଇଛନ୍ତି। ଏ ଘଟଣାରେ କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ, ପ୍ରତିରକ୍ଷାମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସମେତ ବହୁ ତୁଙ୍ଗନେତା ଶୋକ ପ୍ରକାଶ କରିବା ସହ ସହିଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସହିଦଙ୍କ ବଳିଦାନ ବେକାର ଯିବନି। ଏଭଳି ବର୍ବର କାଣ୍ଡ ଘଟାଇଥିବା ନକସଲମାନଙ୍କୁ ଆଦୌ ଛଡ଼ାଯିବନି ବୋଲି କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏଘଟଣା ପରେ ନକସଲମାନଙ୍କୁ ଧରିବା ଲାଗି କମ୍ବିଂ ଅପରେସନକୁ ଜୋରଦାର କରାଯାଇଛି।

ଦାନ୍ତେୱାଡାର ଅରନପୁର କ୍ଷେତ୍ରରେ କିଛି ନକ୍ସଲ ଲୁଚି ରହିଥିବା ନେଇ ଗୁଇନ୍ଦା ସୂଚନା ମିଳିବା ପରେ ୧୦ ଜଣ ଡିଆରଜି ଯବାନ ଅପରେସନରେ ବାହାରିଥିଲେ। ସେମାନେ ନକ୍ସଲ ବିରୋଧୀ ଅପରେସନରୁ ଅପରାହ୍ନ ସମୟରେ ଫେରୁଥିବା ବେଳେ ଆଇଆଇଡି ବିସ୍ଫୋରଣ ଘଟିଥିଲା।

ଯବାନମାନେ ଫେରୁଥିବା ରାସ୍ତାରେ ନକ୍ସଲମାନେ ଆଇଆଇଡି ବିଛାଇ ରଖିଥିଲେ। ଗାଡିଟି ଏହା ସଂସ୍ପର୍ଶରେ ଆସିବା କ୍ଷଣି ବିସ୍ଫୋରଣ ଘଟିଥିଲା। ଏହା ଏତେ ଭୟଙ୍କର ଥିଲା ଯେ ଗାଡିଟି ବେଶ କିଛି ବାଟ ଛିଟିକି ଯାଇଥିଲା ଏବଂ ଏଥିରେ ଥିବା ସମସ୍ତ ୧୧ ଜଣ ସହିଦ ହୋଇଥିଲେ। ରାଜ୍ୟ ପୁଲିସ୍ ଅଧୀନରେ ଡିଆରଜି କାମ କରିଥାଏ। ନକ୍ସଲ ବିରୋଧୀ ଅପରେସନ ପାଇଁ ଏହି ସ୍ୱତନ୍ତ୍ର ଫୋର୍ସ ଗଠନ କରାଯାଇଥିଲା। ଏଥିରେ ସ୍ଥାନୀୟ ଆଦିବାସୀଙ୍କୁ ଅଧିକ ସଂଖ୍ୟାରେ ନିଯୁକ୍ତି ଦିଆଯାଇଥାଏ। ଆଜିର ଘଟଣାରେ ମୁଖ୍ୟମନ୍ତ୍ରୀ ଭୂପେଶ ବାଘେଲ ଶୋକ ପ୍ରକାଶ କରିବା ସହ ବଳିଦାନ ଦେଇଥିବା ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି। ସେହିପରି ନକ୍ସଲ ବିରୋଧୀ ଲଢେଇ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ନକ୍ସଲମାନଙ୍କୁ ଆଦୌ ଛଡା ଯିବନି ବୋଲି ସେ କହିଛନ୍ତି। ସେହିପରି ନକ୍ସଲ ହମଲା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହ ମୁଖ୍ୟମନ୍ତ୍ରୀ ବାଘେଲଙ୍କ ସହ ଫୋନ ଯୋଗେ ମଧ କଥା ହୋଇଛନ୍ତି। ସେ ସ୍ଥିତିର ସମୀକ୍ଷା କରିବା ସହ କେନ୍ଦ୍ର ପକ୍ଷରୁ ସବୁ ପ୍ରକାରର ସହାୟତା ଯୋଗାଇ ଦିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଘଟଣା ପରେ ଛତିଶଡଗଡ ଆଇଜି ସୁନ୍ଦରାଜ ଜରୁରୀ ବୈଠକ ଡାକିଛନ୍ତି। ଛତିଶଗଡ ସରକାର ସହିଦ ଯବାନ ଓ ପ୍ରାଣ ହରାଇଥିବା ଡ୍ରାଇଭରଙ୍କ ନାଁ ମଧ୍ୟ ସାର୍ବଜନୀନ କରିଛନ୍ତି। ସହିଦ ଯବାନମାନେ ହେଲେ ଜୋଗା ସୋଡି, ମୁନ୍ନାରାମ କଡତି, ସନ୍ତୋଷ ତାମୋ, ଦୁଲଗି ମଣ୍ଡାବି, ଲଖମୁ ମରକାମ, ଜୋଗା କବାସୀ, ହରିରାମ ମଣ୍ଡାବି, ରାଜୁରାମ କରଟମ, ଜୟରାମ ପୋଡିୟାମ, ଜଗଦୀଶ କବାସୀ। ସେହିପରି ମୃତ ଡ୍ରାଇଭର ଜଣଙ୍କ ହେଲେ ଧନୀରାମ ଯାଦବ। ଆଇଜି ପି. ସୁନ୍ଦରରାଜ କହିଛନ୍ତି ଯେ ନକ୍ସଲମାନେ କରିଥିବା ଆଇଇଡି ହମଲା ଯୋଗୁ ଘଟଣା ସ୍ଥଳରେ ୧୦ ଯବାନ ଓ ଜଣେ ଡ୍ରାଇଭରଙ୍କ ପ୍ରାଣ ହରାଇଛନ୍ତି। ଘଟଣା ସ୍ଥଳରୁ ମୃତଦେହ ଗୁଡିକୁ ଉଦ୍ଧାର କରାଯାଇଛି। ବରିଷ୍ଠ ପୁଲିସ ଅଧିକାରୀ ଘଟଣା ସ୍ଥଳରେ ପହଞ୍ଚିଛନ୍ତି। ଘଟଣା ସ୍ଥଳରେ ସର୍ଚ୍ଚ ଅପରେସନ ଜାରି ରହିଥିବା ସେ କହିଛନ୍ତି। ଘଟଣାରେ ବିଜେପି ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡାଙ୍କ ଠାରୁ ଆରମ୍ଭ କରି ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି।


## ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



୰ ପ୍ରଶାନ୍ତ କୁମାର ଦାଶ
କ୍ଷେତ୍ରପାଳ, ଚଣ୍ଡିଖୋଲ,ଯାଜପୁର
ତିରୋଧାନ: ୧୭.୦୪.୨୦୨୩
ଆଜି ଏକାଦଶହରେ ତୁମ ଅମର ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଈଶ୍ୱରଙ୍କ ନିକଟରେ ପରମ ଶାନ୍ତି ଓ ସଦ୍‌ଗତି କାମନା କରୁଛୁ ।
ଶୋକସନ୍ତପ୍ତ: ପତ୍ନୀ, ପୁତ୍ର-ପୁତ୍ରବଧୂ, ଝିଅ-ଜ୍ୱାଇଁ , ଭଉଣୀ-ଭିଣୋଇ, ପୁତୁରା, ଝିଆରି, ଭଣଜା, ଭାଣେଜି, ନାତି, ନାତୁଣୀ, ବନ୍ଧୁ, ଆତ୍ମିୟସ୍ୱଜନ, ପରିବାରବର୍ଗ ଓ ଗ୍ରାମବାସୀ ବୃନ୍ଦ


## ଗ୍ରୀଷ୍ମକାଳୀନ ବାତ୍ୟାର ମୁକାବିଲା ପାଇଁ ଉଚ୍ଚସ୍ତରୀୟ ବୈଠକ: ପ୍ରସ୍ତୁତ ରହିବାକୁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର(ପିଏନ):** ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନାଙ୍କ ଅଧକ୍ଷତାରେ ବୁଧବାର ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବମାନଙ୍କ ସହିତ ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟାର ମୁକାବିଲା ପାଇଁ ନେବାକୁ ଥିବା ପଦେକ୍ଷପ ଉପରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପୁଲିସ ମହାନିର୍ଦ୍ଦେଶକ ସୁନୀଲ ବଂଶଲ, ଅଗ୍ନୀଶମ ସେବା ପୁଲିସ ମହାନିର୍ଦ୍ଦେଶକ, ସ୍ୱତନ୍ତ୍ର ରିଲିଫ୍ କମିସନର, ଓସଡମାର ପରିଚାଳନା ନିର୍ଦ୍ଦେଶକ, ସିନିୟର କମାଣ୍ଡାଣ୍ଟ ଏନଡିଆରଏଫ୍, ଭାରତୀୟ ପାଣିପାଗ ବିଭାଗ ଭୁବନେଶ୍ୱରର ସହନିର୍ଦ୍ଦେଶକ ଏବଂ ବିଭିନ୍ନ ବିଭାଗର ଅନ୍ୟ ବରିଷ୍ଠ ଅଧିକାରୀମାନେ ଯୋଗ ଦେଇଥିଲେ। ବୈଠକରେ ପାରାଦୀପ ଏବଂ ଗୋପାଳପୁରରେ ଡୋପଲର ରାଡାର କାର୍ଯ୍ୟ କରଛି ଯାହା ସାଇକ୍ଲୋନ୍ ଟ୍ରାକିଂ ଏବଂ ପାଣିପାଗ ପୂର୍ବାନୁମାନ କରିବାରେ ସାହାଯ୍ୟ କରିବ। ଏହି ରାଡାରଗୁଡିକ ଟର୍ନାଡୋ/ବଜ୍ରପାତ/କୁଆପଥର ପୂର୍ବାନୁମାନ କରିବାରେ ସାହାଯ୍ୟ କରେ। ସାଇକ୍ଲୋନ ପରିସ୍ଥିତିରେ ଟେଲିକମ ସିଷ୍ଟମକୁ କାର୍ଯ୍ୟକ୍ଷମ ରଖିବା ପାଇଁ ବିଏସ୍ଏନ୍ଏଲ୍ ଏବଂ ଟେଲିକମ୍ ସେବା ପ୍ରଦାନକାରୀଙ୍କ ଦ୍ୱାରା ଆପଦକାଳୀନ ବ୍ୟବସ୍ଥା କରାଯାଇଛି। ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ସମ୍ବେଦନଶୀଳ ସ୍ଥାନଗୁଡିକରେ ଆଗୁଆ ମୋବାଇଲ ଟାୱାରଗୁଡିକୁ ନିୟୋଜିତ କରିବା ପାଇଁ ଯୋଜନା କରାଯାଇଛି। ସମ୍ଭାବ୍ୟ ବାତ୍ୟା ପ୍ରବଣ ଅଞ୍ଚଳର ସମସ୍ତ ସେଲ ଫୋନ୍ ଗ୍ରାହକଙ୍କୁ ଭଏସ୍ ମେସେଜ୍ ସହିତ ଏସ୍ଏମ୍ଏସ୍ ମାଧ୍ୟମରେ ସାଇକ୍ଲୋନ୍‌ନ ଚେତାବନୀ ଏବଂ ଆଇଏମ୍‌ଡିର ଆଲର୍ଟ ମେସେଜ ପଠାଇବାକୁ ବିଏସ୍ଏନ୍ଏଲ୍‌କୁ ନିର୍ଦ୍ଦେଶ ଦିଆଯାଇଛି।

# ଦ୍ୱିତୀୟ ଦିନରେ ୫ଟି ଜିଲ୍ଲାର ୩୨୮ଟି ରୂପାନ୍ତରିତ ସ୍କୁଲ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର(ପିଏନ):** ୫-ଟି ସ୍କୁଲ ରୂପାନ୍ତରଣ ଅଭିଯାନର ତୃତୀୟ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ଆଜି ୫ଟି ଜିଲ୍ଲାର ୩୨୮ଟି ରୂପାନ୍ତରିତ ହାଇସ୍କୁଲକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି। ଏଥିରେ ବଲାଙ୍ଗୀର ଜିଲ୍ଲାର ୧୦୦ଟି ହାଇସ୍କୁଲ, ସମ୍ବଲପୁର ଜିଲ୍ଲାର ୬୧ଟି, ପୁରୀ ଜିଲ୍ଲାର ୫୩ଟି ଓ କେନ୍ଦ୍ରାପଡା ଜିଲ୍ଲାର ୫୬ଟି ହାଇସ୍କୁଲ ଏବଂ କୋରାପୁଟ ଜିଲ୍ଲାର ୫୮ଟି ହାଇସ୍କୁଲ ଅନ୍ତର୍ଭୁକ୍ତ। ଏହାଦ୍ୱାରା ତୃତୀୟ ପର୍ଯ୍ୟାୟରେ ଦୁଇ ଦିନରେ ସମୁଦାୟ ୬୮୫ଟି ରୂପାନ୍ତରିତ ହାଇସ୍କୁଲ ଲୋକାର୍ପିତ ହେଲା। ସୂଚନାଯୋଗ୍ୟ ଯେ ଗତ ଦୁଇଟି ପର୍ଯ୍ୟାୟରେ ରାଜ୍ୟରେ ୩୯୮୧ଟି ସ୍କୁଲ ରୂପାନ୍ତରିତ ହୋଇଛି। ତିନୋଟି ପର୍ଯ୍ୟାୟ ସଂପୂର୍ଣ୍ଣ ହେବା ପରେ ରାଜ୍ୟରେ ସମୁଦାୟ ୬୧୩୨ଟି ସ୍କୁଲ ରୂପାନ୍ତରିତ ହେବ।



ଏହି ଅବସରରେ ଭିଡିଓ କନ୍‌ଫରେନ୍‌ସିଂ ଜରିଆରେ ଯୋଡି ହୋଇଥିବା ସ୍କୁଲ ଗୁଡିକରେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ସେମାନଙ୍କୁ ୫-ଟିର ଉପଯୋଗ ସଂପର୍କରେ ବୁଝାଇ ସମୟ ଉପରେ ଗୁରୁତ୍ୱ ଦେବକୁ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ ସମୟର ଗୁରୁତ୍ୱ ସଂପର୍କରେ ସମସ୍ତେ ଜାଣିଛନ୍ତି। ତେଣୁ ପିଲାମାନେ ସମୟର ଉପଯୋଗ ଠିକ୍ ଭାବରେ କରିପାରିଲେ, ସବୁକ୍ଷେତ୍ରରେ ନିଶ୍ଚୟ ଆଗରେ ରହିବେ। ନିଜ ନିଜ ଜୀବନରେ ୫-ଟିର ଉପଯୋଗ ପାଇଁ ପିଲାଙ୍କୁ ପରାମର୍ଶ ଦେଇ ସେ କହିଲେ ଯେ ଏହାଦ୍ୱାରା ସେମାନେ ଜୀବନର ସବୁ କ୍ଷେତ୍ରରେ ସଫଳ ହୋଇପାରିବେ । ସେ କହିଲେ ଯେ ବର୍ତ୍ତମାନ ଯୁଗ ହେଉଛି ଟେକ୍‌ନୋଲୋଜିର ଯୁଗ । ତେଣୁ ପିଲାମାନେ ନୂଆ ନୂଆ ଟେକ୍‌ନୋଲୋଜି ବିଷୟରେ ଜାଣିବାକୁ ଚେଷ୍ଟା କରିବା ଆବଶ୍ୟକ । ଦ୍ୱିତୀୟ ବିଷୟଟି ହେଉଛି ଟିମ୍‌ୱାର୍କ । ପିଲାମାନେ ମିଳିମିଶି କାମ କଲେ, ସଫଳତାର ସମ୍ଭାବନା ବଢିବ। କ୍ରୀଡା କ୍ଷେତ୍ରରେ ଟିମ୍‌ୱାର୍କ ଅତି ଜରୁରୀ ବୋଲି ସେ କହିଥିଲେ। ସେହିପରି ଜୀବନରେ ସାଧୁତା ହେଉଛି ଏକ ଜରୁରୀ ଆବଶ୍ୟକତା । ସାଧୁତା ଦ୍ୱାରା ମଣିଷର ବିଶ୍ୱସନୀୟତା ବୃଦ୍ଧି ପାଏ। ଏସବୁର ପ୍ରୟୋଗ ଦ୍ୱାରା ସେମାନଙ୍କ ଜୀବନରେ ଆସିବ ରୂପାନ୍ତର ବା ସଫଳତା।

ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ଛାତ୍ରଛାତ୍ରୀ ମାନଙ୍କ ସଫଳତା ହେଉଛି ଓଡିଶାର ସଫଳତା । ୫-ଟି ସ୍କୁଲ ଗୁଡିକରେ ପିଲାମାନଙ୍କୁ ସବୁ ପ୍ରକାର ଆଧୁନିକ ସୁବିଧା ଦେବା ପାଇଁ ପ୍ରଚେଷ୍ଟା କରାଯାଇଛି। ପିଲାମାନେ ଏହାର ସୁଯୋଗ ନେଇ ନିଜ ପ୍ରତିଭାର ପରିଚୟ ପ୍ରଦାନ କରିପାରିଲେ, ସେମାନଙ୍କ ନିଜର ଓ ପରିବାରର ଗୌରବ ବୃଦ୍ଧି ହେବା ସହିତ ସାରା ଓଡିଶାର ଗୌରବ ବୃଦ୍ଧି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । କାର୍ଯ୍ୟକ୍ରମରେ ଉପସ୍ଥିତ ବିଧାୟକଗଣ, ପଞ୍ଚାୟତ ପ୍ରତିନିଧି, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷକ ଶିକ୍ଷୟତ୍ରୀ ଓ ଅଭିଭାବକ ମାନଙ୍କୁ ଅଭିନନ୍ଦନ ଜଣାଇ ମୁଖ୍ୟମନ୍ତ୍ରୀ ୫-ଟି କାର୍ଯ୍ୟକ୍ରମ ସଂପର୍କରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ ୫-ଟି ହେଉଛି ଟେକ୍‌ନୋଲୋଜି, ଟିମ୍‌ୱାର୍କ, ଟ୍ରାନସ୍‌ପରେନ୍‌ସି ବା ସ୍ୱଚ୍ଛତା ଏବଂ ଟାଇମ ବା ସମୟ । ଏସବୁର ପ୍ରୟୋଗରେ ଟ୍ରାନ୍‌ସଫରମେସନ ବା ରୂପାନ୍ତର ଆସିଥାଏ । ମୁଖ୍ୟମନ୍ତ୍ରୀ କହିଲେ ଯେ ଟେକ୍‌ନୋଲୋଜିର ପ୍ରୟୋଗରେ ସ୍କୁଲରେ ସ୍ମାର୍ଟ କ୍ଲାସ ରୁମ୍, କମ୍ପ୍ୟୁଟର ଓ ଆଧୁନିକ ଲାବୋରେଟୋରୀର ବିକାଶ କରାଯାଇଛି । ସେହିପରି ଏହି ରୂପାନ୍ତର କାମକୁ ସମସ୍ତଙ୍କ ମିଳିତ ଉଦ୍ୟମରେ କରାଯାଇଛି, ଯାହା ଟିମ୍‌ୱାର୍କର ପ୍ରତୀକ। ସମୟକୁ ଗୁରୁତ୍ୱ ଦିଆଯାଇ ସମସ୍ତ କାମ ମଧ ଠିକ୍ ସମୟରେ ଶେଷ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଏସବୁ କାମରେ ପ୍ରତି ସ୍ତରରେ ସ୍ୱଚ୍ଛତା ବା ଟ୍ରାନ୍‌ସପରେନ୍‌ସି ରକ୍ଷା କରାଯାଇଛି। ସ୍ଥାନୀୟ ଅଞ୍ଚଳର ଲୋକମାନଙ୍କ ସହିତ ଆଲୋଚନା କରାଯାଇ କାମ କରାଯାଉଛି। ଭିଜନ ଡକ୍ୟୁମେଣ୍ଟ ଠାରୁ ଆରମ୍ଭ କରି ପ୍ରତ୍ୟେକ କାର୍ଯ୍ୟ ପାଇଁ ହେଉଥିବା ଖର୍ଚ୍ଚ ସଂପର୍କରେ ସମସ୍ତେ ସବୁ ବିଷୟରେ ଜାଣନ୍ତି । ସ୍ୱଚ୍ଛତା ହେଉଛି ୫-ଟିର ସବୁଠାରୁ ବଡ ଶକ୍ତି। ଏସବୁ ଦ୍ୱାରା ଆସିଛି ରୂପାନ୍ତର । ଯାହାକୁ ଆମେ ସବୁ ଦେଖିପାରୁଛୁ ଓ ଅନୁଭବ କରିପାରୁଛୁ।

ଆମେ ଏବେ ବଡ ବଡ ସ୍ୱପ୍ନ ଦେଖିପାରୁଛୁ ଏବଂ ସଫଳ ହେବୁ ବୋଲି ମଧ୍ୟ ଭାବୁଛୁ। ୫-ଟି ସ୍କୁଲ ରୂପାନ୍ତର କାର୍ଯ୍ୟକ୍ରମର ତୃତୀୟ ପର୍ଯ୍ୟାୟର ଦ୍ୱିତୀୟ ଦିନରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମତରୁ ଏହା ସ୍ପଷ୍ଟ ହୋଇଛି ଯେ ସେମାନଙ୍କ ମଧ୍ୟରେ ଗଭୀର ଆତ୍ମବିଶ୍ୱାସ ସୃଷ୍ଟି ହୋଇଛି। କୋରାପୁଟ ଜିଲ୍ଲାର ଜଣେ ଛାତ୍ରୀ ବିଷ୍ଣୁପ୍ରିୟା କହିଥିଲେ ଯେ ସେ ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। ବଡ ହେଲେ ସେ ନିଜେ ମୁଖ୍ୟମନ୍ତ୍ରୀ ହୋଇ ଓଡିଶାବାସୀଙ୍କ ସେବା କରିବାର ସ୍ୱପ୍ନ ଦେଖୁଛନ୍ତି ବୋଲି କହିଥିଲେ । ଏଥିରେ ମୁଖ୍ୟମନ୍ତ୍ରୀ ବହୁତ ଖୁସି ହୋଇ ତାଙ୍କୁ ଆଶୀର୍ବାଦ କରିଥିଲେ ଏବଂ ସମାଜ ସେବାରେ ନିଜକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ସେହିପରି ବଲାଙ୍ଗୀରର ଛାତ୍ରୀ ଦୀପାଞ୍ଜଳି ବେହେରା ବଡ ହେଲେ ପାଇଲଟ ହେବାକୁ ଚାହିଁଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କୁ ବିଜୁ ବାବୁଙ୍କ ସଂପର୍କରେ ଏକ ପୁସ୍ତକ ପ୍ରଦାନ କରାଯିବ ବୋଲି କହିଥିଲେ।

ସେହିପରି ସମ୍ବଲପୁରର ଜଣେ ଛାତ୍ରୀ ବାଗ୍ମୀ ବିଶ୍ୱଜିତା ସାହୁ ଆଇ.ଏ.ଏସ ଅଫିସର ହେବାର ଇଚ୍ଛା ପ୍ରକଟ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ଯେଉଁମାନେ ଆଇଏଏସ ବା ଆଇପିଏସ ଅଫିସର ହେବାକୁ ଚାହୁଁଛନ୍ତି, ସେମାନଙ୍କୁ ଆଇଏଏସ ବା ଆଇପିଏସ ଅଫିସର ମାନଙ୍କ ସହିତ ସାକ୍ଷାତକାରର ବ୍ୟବସ୍ଥା କରିବାକୁ ମୁଖ୍ୟମନ୍ତ୍ରୀ ଜିଲ୍ଲାପାଳ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହାଦ୍ୱାରା ପିଲାମାନେ ଅଧିକ ପ୍ରେରଣା ପାଇବେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ପୁରୀ ଜିଲ୍ଲାର ଛାତ୍ରୀ ପୂଜାରିଣୀ ନାୟକ ଜଣେ ଆଦର୍ଶ ଶିକ୍ଷକ ଏବଂ କେନ୍ଦ୍ରାପଡାର ମୁବାସରା ନୁର୍ ବଡ ହେଲେ ଡାକ୍ତର ହେବାର ଆଶା ରଖିଥିଲେ। ପିଲାମାନଙ୍କ ଏହି ଉଚ୍ଚ ଆଶା ମୁଖ୍ୟମନ୍ତ୍ରୀଙ୍କୁ ବେଶ ପ୍ରଭାବିତ କରିଥିଲା । ଆଜିର ପିଲାମାନେ ଆଗାମୀ ଦିନରେ ଓଡିଶାର ଟେକ ରଖିବେ ବୋଲି ସେ ଦୃଢ ବିଶ୍ୱାସ ପୋଷଣ କରିଥିଲେ।

କାର୍ଯ୍ୟକ୍ରମରେ ଉପସ୍ଥିତ କୋରାପୁଟ ଜିଲ୍ଲାରେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ବଲାଙ୍ଗୀରରେ ଜଳସଂପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ସମ୍ବଲପୁରରେ କୁଚିଣ୍ଡା ବିଧାୟକ କିଶୋର ଚନ୍ଦ୍ର ନାୟକ, ପୁରୀରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ ଏବଂ କେନ୍ଦ୍ରାପଡାରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ପ୍ରମୁଖ ସେମାନଙ୍କ ମତାମତ ରଖି ଶିକ୍ଷା କ୍ଷେତ୍ରରେ ଏ ରୂପାନ୍ତର ଓଡିଶାର ଭବିଷ୍ୟତକୁ ଉଜ୍ଜଳ କରିବ ବୋଲି ମତ ଦେଇଥିଲେ । ଦୃଢ ଶିକ୍ଷା ଭିତ୍ତିଭୂମି ପିଲାମାନଙ୍କୁ ସବୁ କ୍ଷେତ୍ରରେ ସଫଳ କରିବ ବୋଲି ଆଶାପ୍ରକାଶ କରିବା ସହିତ ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କ ଦୂରଦୃଷ୍ଟିକୁ ପ୍ରଶଂସା କରିଥିଲେ । ମନ୍ତ୍ରୀ ଶ୍ରୀ ସମୀର ଦାଶ କରିଥିଲେ ଯେ ଆଜି ସରକାରୀ ବିଦ୍ୟାଳୟ ପ୍ରତି ପିଲାଙ୍କ ଆକର୍ଷଣ ବୃଦ୍ଧି ପାଉଛି । ରାଜ୍ୟର ୮୧ ପ୍ରତିଶତ ପିଲା ସରକାରୀ ସ୍କୁଲରେ ପାଠ ପଢୁଛନ୍ତି ବୋଲି ସେ କହିଥିଲେ । କେବଳ ସେତିକି ନୁହେଁ, ପିଲାମାନଙ୍କ ମଧ୍ୟରେ ପ୍ରତିଯୋଗୀତାମୂଳକ ମନୋଭାବ ବୃଦ୍ଧି ପାଇଛି ବୋଲି ପ୍ରକାଶ କରି ଶିକ୍ଷାର ଗୁଣାତ୍ମକ ମାନ ବୃଦ୍ଧି ପାଇଁ ରାଜ୍ୟ ସରକାରଙ୍କ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ ।

କାର୍ଯ୍ୟକ୍ରମକୁ ପରିଚାଳନା କରି ୫-ଟି ସଚିବ ଭି.କେ. ପାଣ୍ଡିଆନ କହିଥିଲେ ଯେ ଆଗାମୀ ୬ ମାସ ମଧ୍ୟରେ ରାଜ୍ୟର ସବୁ ସ୍କୁଲକୁ ରୂପାନ୍ତରିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି । ପିଲାମାନଙ୍କ ଶିକ୍ଷାପାଇଁ ମୁଖ୍ୟମନ୍ତ୍ରୀ ଯେଉଁସବୁ ନିର୍ଦ୍ଦେଶ ଦେଉଛନ୍ତି, ସେଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରିବାକୁ ସେ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉନ୍ନୟନ କମିସନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଓସେପାର ସ୍ୱତନ୍ତ୍ର ପ୍ରୋଜେକ୍ଟ ଡାଇରେକ୍ଟର ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗର ପ୍ରମୁଖ ସଚିବ, ସଚିବ ଓ ଅନ୍ୟ ପଦାଧିକାରୀମାନେ ଉପସ୍ଥିତ ଥିଲେ।

କୋଣାର୍କ ମନ୍ଦିରରେ ୨୭୧ଜଣ ଫଟୋଗ୍ରାଫରଙ୍କ ଜୀବନ ଜୀବିକା ମାମଲା

## କେନ୍ଦ୍ର ସରକାର, ଏଏସଆଇ, ଜିଲ୍ଲାପାଳଙ୍କୁ ହାଇକୋର୍ଟଙ୍କ ନୋଟିସ୍

**କୋଣାର୍କ (ପିଏନ):** ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟ ମନ୍ଦିର ମଧ୍ୟରେ ଫଟୋ ଉଠାଇ ପେଟ ପୋଷୁଥିବା ପ୍ରାୟ ୨୫୦ ଫଟୋଗ୍ରାଫରଙ୍କୁ ପ୍ରତ୍ନତାତ୍ତ୍ୱିକ ସର୍ବେକ୍ଷଣ ସଂସ୍ଥା (ଏ ଏସ ଆଇ) ନୂଆ ଗାଇଡଲାଇନ୍ ଅନୁଯାୟୀ ମନ୍ଦିର ପରିସର ମଧ୍ୟକୁ ବାରଣ କରିବାକୁ ନେଇ ଏକ ଆବେଦନକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରି କେନ୍ଦ୍ର ସରକାର,ଏଏସଆଇ ଡିଜି,ଏଏସଆଇ ପୁରୀ ସର୍କଲର ଅଧିକ୍ଷକ ,ରାଜ୍ୟ ପର୍ଯ୍ୟଟନ ବିଭାଗ ଓ ଜିଲ୍ଲାପାଳ ଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି । ମଇ ୧୭ ତାରିଖରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣି ପୂର୍ବରୁ ଜବାବ୍ ଦାଖଲ କରିବାକୁ କୁହାଯାଇଛି।



ମୁଖ୍ୟ ବିଚାରପତି ଜଷ୍ଟିସ ଏସ୍ ମୁରଲୀଧର ଓ ବିଚାରପତି ଜଷ୍ଟିସ ଗୌରୀଶଙ୍କର ଶତପଥୀ ଙ୍କୁ ନେଇ ଗଠିତ ଖଣ୍ଡପୀଠ ବୈଦ୍ୟନାଥ ଗୋଚ୍ଛାୟତ ଓ ଅନ୍ୟମାନଙ୍କ ପକ୍ଷରୁ ଆଗତ ହୋଇଥିବା ରିଟ ପିଟିସନ ର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି ।ଘଟଣାରୁ ପ୍ରକାଶ ଯେ , ଗତ ଫନି ବାତ୍ୟା ସମୟରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ସର୍ବେକ୍ଷଣ କରାଯାଇ କୋଣାର୍କ ସୂର୍ଯ୍ୟ ମନ୍ଦିରରେ ପ୍ରାୟ ୨୭୧ ଜଣ ଫଟୋଗ୍ରାଫରଙ୍କୁ ଚିହ୍ନଟ କରାଯାଇ ସମସ୍ତଙ୍କୁ ୧୦୦୦୦/- ଲେଖାଏଁ ବାତ୍ୟା ସହାୟତା ପ୍ରଦାନ କରାଯାଇଥିଲା।୨୦୧୭ ମସିହାରେ ଏ ଏସ ଆଇ ପକ୍ଷରୁ ନୂଆ ଗାଇଡଲାଇନ ଆସିଥିଲା। ଏଥିରେ ମନ୍ଦିର ଭିତରେ ଫୋଟୋଗ୍ରାଫି ପାଇଁ ସର୍ବନିମ୍ନ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ବାଧ୍ୟତାମୂଳକ ହୋଇଥିବା ବେଳେ ସର୍ବାଧିକ ୬୮ ଜଣ ଫୋଟୋଗ୍ରାଫର ମନ୍ଦିର ଭିତରକୁ ଯାଇପାରିବେ ବୋଲି କୁହାଯାଇଥିଲା। ସେହିପରି ପର୍ଯ୍ୟଟନ ବିଭାଗ ପରିଚୟ ପତ୍ର ଦେଖାଇ କିଛି ଫୋଟୋଗ୍ରାଫର ମନ୍ଦିର ଭିତରକୁ ଯାଉଥିବାବେଳେ। ହେଲେ ପରବର୍ତ୍ତୀ ସମୟରେ ଏହି ପରିଚୟପତ୍ର କୁ ପର୍ଯ୍ୟଟନ ବିଭାଗ ଅସ୍ୱୀକାର କରିଥିଲେ ଏବଂ ଏହା ତତ୍କାଳୀନ ପର୍ଯ୍ୟଟନ ଅଧିକାରୀଙ୍କ ଦ୍ୱାରା ବ୍ୟକ୍ତିଗତ ଭାବେ ଦିଆଯାଇଥିବା ସ୍ପଷ୍ଟ ହୋଇଥିଲା ।ଏହି ତଥ୍ୟ ଜଣାପଡିବା ପରେ ଫୋଟୋଗ୍ରାଫରମାନଙ୍କୁ ଏଏସଆଇ ପକ୍ଷରୁ ଭିତରକୁ ଯିବାକୁ ବାରଣ କରାଯାଇଥିବାରୁ ସେମାନଙ୍କୁ ଜିଲ୍ଲା ପ୍ରଶାସନ ଦ୍ୱାରା ପ୍ରସ୍ତୁତ କରାଯାଇଥିବା ତାଲିକା ଅନୁଯାୟୀ ଅନୁମତି ଦେବାପାଇଁ ଏହି ମାମଲା ରୁଜ୍ଜୁ ହୋଇଛି। ଅଧିକନ୍ତୁ ମାଟ୍ରିକ ଶିକ୍ଷାଗତ ଯୋଗ୍ୟତା ଓ ସର୍ବାଧିକ ୬୮ ସଂଖ୍ୟା କିପରି ଓ କେଉଁ ଭିତ୍ତିରେ ସ୍ଥିରୀକୃତ ହେଲା, ତାହା ମଧ୍ୟ ଆବେଦନକାରୀଙ୍କ ପକ୍ଷରୁ ପ୍ରଶ୍ନ ଉଠାଯାଇଛି।

ଆବେଦନକାରୀଙ୍କ ପକ୍ଷରୁ କୋଣାର୍କ ବାର୍ ଆସୋସିଏସନ୍ ସଭାପତି ଆଇନଜୀବୀ ଶ୍ରୀଜୟ କୁମାର ବରାଳ ଓ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।




ଭୁବନେଶ୍ୱର, ୨୦୨୩, ଅପ୍ରେଲ ୨୭

# ଚ୍ୟାଲେଞ୍ଜ ଏବଂ ସୁଯୋଗ



ଦେଶର ଜନସଂଖ୍ୟା ବୃଦ୍ଧି କ୍ଷେତ୍ରରେ ଯାହା ଆଶଙ୍କା କରାଯାଉଥିଲା, ତାହା ହିଁ ଘଟିଛି। ଭାରତ ଚୀନକୁ ପଛରେ ପକାଇ ବିଶ୍ୱର ସବୁଠାରୁ ଜନବହୁଳ ଦେଶର ମାନ୍ୟତା ହାସଲ କରିଛି। ଜାତିସଂଘ ଜନସଂଖ୍ୟା ଫଣ୍ଡ (ୟୁଏନପିଏଫ)ର ରିପୋର୍ଟ ଅନୁଯାୟୀ ଦେଶର ଜନସଂଖ୍ୟା ୧୪୨କୋଟି ୮୬ ଲକ୍ଷକୁ ଅତିକ୍ରମ କରିଥିବା ଚୀନର ଜନସଂଖ୍ୟା ୧୪୨ କୋଟି ୫୭ ଲକ୍ଷ ରହିଛି। ଦେଶର ଲୋକସଂଖ୍ୟା ଏବେ ଚୀନଠାରୁ ୨୯ଲକ୍ଷ ଅଧିକ ରହିଛି। ୟୁଏନପିଏଫ ରିପୋର୍ଟ ଅନୁସାରେ ମୋଟ ଜନସଂଖ୍ୟାର ୨୫ ପ୍ରତିଶତ ଶୂନରୁ ୧୪ବର୍ଷ ମଧ୍ୟରେ ହୋଇଥିବାବେଳେ ୧୮ ପ୍ରତିଶତ ହେଉଛନ୍ତି ୧୦ରୁ ୧୯ବର୍ଷରେ, ୨୬ ପ୍ରତିଶତ ହେଉଛନ୍ତି ୧୦ରୁ ୨୪ବର୍ଷ ମଧ୍ୟରେ ଏବଂ ୬୮ ପ୍ରତିଶତ ହେଉଛନ୍ତି। ୧୫ରୁ ୬୪ବର୍ଷ ମଧ୍ୟରେ। ସେହିପରି ୧୪୨ କୋଟି ଲୋକଙ୍କ ମଧ୍ୟରୁ ୨୫୪ ମିଲିଅନ ଅର୍ଥାତ ୨୫କୋଟି ୪ ନିୟୁତ ହେଉଛନ୍ତି। ୧୫ରୁ ୨୪ବର୍ଷରେ। ୟୁଏନଏଫପିର ହିସାବ ଅନୁସାରେ ଭାରତ ଏବେ ତରୁଣମାନଙ୍କର ରାଷ୍ଟ୍ରରେ ପରିଣତ ହୋଇଛି। ଦେଶରେ ତରୁଣ ବା ଯୁବକଙ୍କ ବୟସ ହାରାହାରୀ ୨୮ବର୍ଷ ରହିଛି। ଆହୁରି ମଧ୍ୟରେ ଦେଶରେ ବରିଷ୍ଠ ବା ବୟସ୍କ ନାଗରୀକ, ଯେଉଁମାନଙ୍କର ବୟସ ୬୫ବର୍ଷ ଉପରେ, ସେମାନଙ୍କ ସଂଖ୍ୟା ମାତ୍ର ୭ ପ୍ରତିଶତ ରହିଛି। ଏହା ସତ୍ୟ ଯେ, ଭାରତ ବିଶ୍ୱରେ ସର୍ବବୃହତ ଜନବହୁଳ ରାଷ୍ଟ୍ର ହେବା ଦେଶ ପାଇଁ ଯେତିକି ସୁଯୋଗରୁ ସମ୍ଭାବନା ସୃଷ୍ଟି କରିଛି, ସେତିକି ଚ୍ୟାଲେଞ୍ଜ ସଦୃଶ ହୋଇଛି ବୋଲି କୁହାଯିବ। ସୁଯୋଗର ସମ୍ଭାବନା ସୃଷ୍ଟି କରିଛି ଏଇଥିପାଇଁ ଯେ, ଭାରତରେ ଯୁବକ ବା ତରୁଣଙ୍କ ସଂଖ୍ୟା କେବଳ ଚୀନ ନୁହେଁ, ବିଶ୍ୱର ଅନ୍ୟ ୩ଟି ବହୁଳ ରାଷ୍ଟ୍ର ଭାବେ ପରିଚିତ ଆମେରିକା, ଇଣ୍ଡୋନେସିଆ, ପାକିସ୍ଥାନଠାରୁ ଅଧିକ ରହିଛି। ଯାହାକି ଦେଶର ଆର୍ଥୀକ ବିକାଶରେ ସହାୟକ ହେବ। କେବଳ ଏତିକି ନୁହେଁ, ଭାରତ ଏବେ ବିଶ୍ୱର ପଂଚମ ବୃହତମ ଅର୍ଥନୀତିରେ ପହଁଚିଥିବାବେଳେ କାର୍ଯ୍ୟାକ୍ତି ରୂପେ ଭାରତର ଯୁବଗୋଷ୍ଠୀ ଦେଶର ଅର୍ଥନୀତି ଓ ବିକାଶକୁ ଆହୁରି ଆଗେଇ ନେଇପାରିବେ। ଏକ ଆକଳନ ରିପୋର୍ଟରେ କୁହାଯାଇଛି ଯେ, ୨୦୪୭ ମସିହା ସୁଦ୍ଧା ବିଶ୍ୱରେ ମୋଟ ଯୁବବର୍ଗର ୨୫ପ୍ରତିଶତ କେବଳ ଭାରତର ହେବେ। ଯୁବଶକ୍ତିର ଦକ୍ଷତା ଓ ସାମର୍ଥ୍ୟ ହିଁ ଦେଶକୁ ଆଗେଇନେବ। ଅନ୍ୟପକ୍ଷରେ ଚୀନରେ ଯୁବକଙ୍କ ସଂଖ୍ୟା ହ୍ରାସ ପାଇଥିବାବେଳେ ବୟସଙ୍କ ସଂଖ୍ୟା ବଢ଼ିଚାଲିଛି। ଉଲ୍ଲେଖଯୋଗ୍ୟ, ଚୀନର ଏକ ସନ୍ତାନ ନୀତି ହିଁ ଆଜି ଦେଶକୁ କେବଳ ବୟସ୍କଙ୍କୁ ଉପହାର ଦେଇଛି। ଯେଉଁମାନେ କି ଅଣ ଉତ୍ପାଦନ କ୍ଷମ। ଭାରତରେ ବରିଷ୍ଠ ନାଗରିକଙ୍କର ସଂଖ୍ୟା ମାତ୍ର ୭ ପ୍ରତିଶତ ଥିବାବେଳେ ଚୀନରେ ରହିଛି ୧୮ ପ୍ରତିଶତ। ଏବେ ଚୀନ ସରକାର ସମସ୍ତ କଟକଣା ପ୍ରତ୍ୟାହାର କରି ତିନି ଚାରି ସନ୍ତାନ ନୀତିକୁ ଆପଣାଇ ନେଇଛନ୍ତି। ଏହା ମଧ୍ୟ ସତ୍ୟ ଯେ, କୌଣସି ରାଷ୍ଟ୍ରରେ ଜନସଂଖ୍ୟା ବୃଦ୍ଧି ଦେଶର ବିକାଶରେ ମୁଖ୍ୟ ପ୍ରତିବନ୍ଧକ ହିଁ ହୋଇଥାଏ। ଖାଦ୍ୟ, ବସ୍ତ୍ର, ବାସଗୃହ ଦେଶର ମୁଖ୍ୟ ସମସ୍ୟା ହୋଇଥାଏ। ଭାରତ ମଧ୍ୟ ଜନସଂଖ୍ୟା ନିୟନ୍ତ୍ରଣ ନୀତିକୁ ଆପଣାଇ ନେଇଛି। ପରିବାର ନିୟୋଜନ ଅସ୍ତ୍ରୋପଚାରଠାରୁ ଆରମ୍ଭ କରି ବହୁବିଧ ପନ୍ଥା ଗ୍ରହଣ କରିଛି। ୨୦୨୧ରେ ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନଏଫଏଚଇ) ପକ୍ଷରୁ ପ୍ରକାଶିତ ରିପୋର୍ଟରେ ଦେଶର ଜନ୍ମ ହାର ବା ଟିଏଫଆର ଏବେ ୨.୧ରେ ପହଁଚିଛି। ଜାତିସଂଘର ଆକଳନ ଅନୁସାରେ ୨୦୫୦ ମସିହା ବେଳକୁ ଦେଶର ଜନସଂଖ୍ୟା ୧୬୭ କୋଟି ହେବ। ସେହିପରି ୨୦୬୪ ମସିହାକୁ ବେଳକୁ ଦେଶର ଜନସଂଖ୍ୟା ୧୭୦କୋଟି ପହଁଚିବ। ତେବେ ୨୧୦୦ ମସିହା ବେଳକୁ ଏହିସଂଖ୍ୟା ୧୫୩ କୋଟିକୁ ହ୍ରାସ ପାଇବ। ସେତେବେଳକୁ ଆଜିର ଯୁବଗୋଷ୍ଠୀ ବୃଦ୍ଧାବସ୍ଥାରେ ପହଁଚିଥିବେ। ଯାହାକି ଦେଶର ବିକାଶରେ ବାଧାସୃଷ୍ଟି କରିବ। ତେବେ ଚୀନ ଘଟଣାବଳୀରୁ ଭାରତ କିଛି ଶିକ୍ଷା କରିବ ବୋଲି ଆମର ଆଶା। ତେବେ ଦେଶର ଯୁବଗୋଷ୍ଠୀଙ୍କୁ କର୍ମନିଯୁକ୍ତି ଓ ଦକ୍ଷତା ସମ୍ପନ୍ନ କରିବା ହେଉଛି, ଏବେ ସବୁଠାରୁ ବଡ ଚ୍ୟାଲେଞ୍ଜ। ଦେଶରେ ବେକାରୀ ହାର ଚିନ୍ତାଚନକ ବଢ଼ିଚାଲିଛି। ଯାହାକି ସାଂପ୍ରତିକ ସମୟରେ ସବୁଠାରୁ ବଡ ଚ୍ୟାଲେଞ୍ଜ। ଯୁବଗୋଷ୍ଠୀଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି, ମାନ ସମ୍ପନ୍ନର ଦକ୍ଷତା ବୃଦ୍ଧି, ଉଚ୍ଚମାନର ସ୍ୱାସ୍ଥ୍ୟ ସେବା ଏବଂ ଜୀବନଧାରଣ ପାଇଁ ଉତମ ଭିତିଭୂମି ଯୋଗାଣ ଅପରିହାର୍ଯ୍ୟ। ଏହାର ଅଭାବରେ ଯୁବଗୋଷ୍ଠୀ ବିପଦଗାମୀ ହେବାର ଆଶଙ୍କାକୁ ଏଡାଇ ଦିଆଯାଇନପାରେ। ଆହୁରି ମଧ୍ୟ ଚୀନ ଓ ଆମେରିକା ଭଳି ରାଷ୍ଟ୍ର ବିଭିନ୍ନ କ୍ଷେତ୍ରରେ ତଥା ଯୁବଶକ୍ତିର ବିନିଯୋଗରେ ଉନ୍ନତ ସ୍ଥିତିରେ ଥିବାରୁ ନୂଆ ପରିସଂଖ୍ୟାନ ନୂଆ ଭାରତ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଏଥିପ୍ରତି ବର୍ତମାନଠାରୁ ସତର୍କ ଓ ସଜାଗ ହେବା ସହ ଭିତିଭୂମିର ବିକାଶ ପାଇଁ ପଦକ୍ଷେପ ନେବା ସରକାର ଓ ନୀତି ନିର୍ଦ୍ଧାରକଙ୍କର ଅପରିହାର୍ଯ୍ୟ। ଆହୁରି ମଧ୍ୟ ଜନସଂଖ୍ୟା ବୃଦ୍ଧି ଯୋଗୁଁ ନୂଆ ବାସଘର ନିର୍ମାଣ ପାଇଁ ଚାପ ଜମିର ଉପଯୋଗ ବଢ଼ିବ। ଯାହାକି ଚାଷ ଜମିକୁ ସଂକୁଚିତ କରିବା ସହ ଖାଦ୍ୟ ସଂକଟକୁ ଆମନ୍ତ୍ରଣ କରିପାରେ। ଅନ୍ୟପକ୍ଷରେ ଆୟତନ ଦୃଷ୍ଟିରୁ ଭାରତ ବିଶ୍ୱରେ ସପ୍ତମ। ଏବେ ପ୍ରତି ବର୍ଗ କିମିରେ ଦେଶରେ ଜନସଂଖ୍ୟା ଘନତ୍ୱ ୪୮୦.୫ ଥିବାବେଳେ ଚୀନରେ ୧୫୧.୩ ରହିଛି। ଭାରତରେ ଜଣେ ଲୋକପାଇଁ ଏବେ ମାତ୍ର ୦.୦୦୨୧ ବର୍ଗ କିମି ଅର୍ଥାତ୍ ୨୦୮୧ ବର୍ଗ ମିଟର ଭୂମି ଭାଗ ପଡିଥିବାବେଳେ ଚୀନରେ ମୁଣ୍ଡ ପିଛା .୦୦୬୬ ବର୍ଗ କିମି, ଆମେରିକାରରେ ୦.୨୬୯ ବର୍ଗ କମି ଭୂମି ଭାଗ ପଡିଛି। ୨୦୬୪ ମସିହା ବେଳକୁ ଜନସଂଖ୍ୟା ଶୀର୍ଷରେ ପହଁଚିବା ସମୟରେ ଭୂମି ଭାଗ ଆହୁରି କମିବ, ଏଥିରେ ସନ୍ଦେହ ନାହିଁ। ବିଶ୍ୱର ସବୁଠୁ ଜନବହୁଳ ରାଷ୍ଟ୍ର ହେବା ଭାରତ ପାଇଁ ଯେ, ଗୋଟିଏ ପକ୍ଷରେ ସୁଯୋଗର ସମ୍ଭାବନା ସୃଷ୍ଟି କରିଥିବାବେଳେ ଅନ୍ୟପଟେ ଚ୍ୟାଲେଞ୍ଜ ସୃଷ୍ଟି କରିଛି, ଏହା ସ୍ୱୀକାର କରିବାକୁ ହେବ।

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା),**
**ସମ୍ମାନ ଭବନ,**
**ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,**
**ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨**
**ମୋବାଇଲ ନଂ-୯୪୩୭୯୯୪୩୭୯**

## ଆଜିର ଅନୁଚିନ୍ତା

"ନ ଇଦଂ ମମ" (ଏହା ମୋର ନୁହେଁ)–ଏହି ଦିବ୍ୟଭାବନା ମହାପୁଣ୍ୟ ଫଳରେ ଉଦୟ ହୁଏ।

ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍ବେଗ ଆଦି ବିଷୟରେ ଜାଣିବାକୁ ଆମେ ଜାଗ୍ରହୀ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ତ୍ରିଲୋଚନ ବାବୁ : ରାଜନୀତି ଓ ମୂଲ୍ୟବୋଧର ମହାନ ବ୍ୟକ୍ତିତ୍ୱ

**ଡ଼ଃ.ଅରୁନ୍ଧତୀ ଦେବୀ**



ତ୍ରିଲୋଚନ କାନୁନଗୋ କେବଳ କଟକର ନଗରପାଳ ନଥିଲେ। ସେ ଥିଲେ ଓଡ଼ିଶାର ରାଜନୀତିର ମୂଲ୍ୟବୋଧର ଜଣେ ଉତ୍ତୁଙ୍ଗ ବ୍ୟକ୍ତିତ୍ୱ। ସ୍ପଷ୍ଟବାଦୀ, ବନ୍ଧୁବତ୍ସଳ ଓ ପରୋପକାର ଗୁଣ ପାଇଁ ସେ ସମସ୍ତଙ୍କର ଅତି ପରିଚିତ ପ୍ରିୟ ମଣିଷଟିଏ ଥିଲେ। ତାଙ୍କୁ ତ୍ରିଲୋଚନ ବାବୁ ଠାରୁ ତିଲୁ ଭାଇ ନାମରେ ଅନେକ ଜାଣନ୍ତି ଓ ସେହି ନାମରେ ସମ୍ବୋଧନ କରନ୍ତି। ଆଜିର କଟକର କଳେବର ଯେଉଁପରି ସ୍ଥାନରେ ପହଞ୍ଚିଛି ତାହାର ଅନ୍ୟତମ ବଡ଼ ଶ୍ରେୟ ତ୍ରିଲୋଚନ ବାବୁଙ୍କ ନାମରେ ଯିବ। ତାଙ୍କ ସମୟରେ ସେ ଏକ ପ୍ରକାର କଟକର ପରିମଳ ବ୍ୟବସ୍ଥାକୁ ସଫା ସୁତୁରା ରଖିବା ସହ କଟକରୁ ମଶା ନିର୍ମୂଳ କରିପାରିଥିଲେ। ଷାଠିଏ ଦଶକରୁ ରେଭେନ୍ସା ମହାବିଦ୍ୟାଳୟରୁ ଛାତ୍ର ରାଜନୀତି ଆରମ୍ଭ କରି ଛାତ୍ର ସଂସଦର ସଭାପତି ପଦବୀରେ ରହି ଛାତ୍ର ବନ୍ଧୁଙ୍କର କଲ୍ୟାଣ ସହ ରେଭେନ୍ସା ମହାବିଦ୍ୟାଳୟର ସୁନାମ ସେ ବଢ଼ାଇ ପାରିଥିଲେ। ସେ ସମୟରେ ମୁଖ୍ୟମନ୍ତ୍ରୀ ଥିବା ବିରେନ ବାବୁଙ୍କ ସହ ତାଙ୍କର ସମ୍ପର୍କ ଥିବାରୁ ସେ ରାଜନୀତିରେ ପାଦ ଦେଇ ପରେ ବିଧାୟକ ଭାବେ ସକ୍ରିୟ ରାଜନୀତିରେ ଯୋଗ ଦେଇ ପାଖାପାଖି ତିରିଶ ବର୍ଷ ପ୍ରତ୍ୟକ୍ଷ ରାଜନୀତିରେ ଜଡ଼ିତ ଥିଲେ ଓ ଥରେ ସାଂସଦ ଭାବେ ମଧ୍ୟ ଲୋକମାନଙ୍କ ସେବା କରିପାରିଥିଲେ।

ଶିକ୍ଷାକୁ ସେ ଗୁରୁତ୍ୱ ଦେବା ସହ ନିଜ ଜୀବନରେ ଏକ ବ୍ରତ ଭାବେ ଗ୍ରହଣ କରିଥିଲେ। ଯାହା ତାଙ୍କ ବ୍ୟକ୍ତିଗତ ଜୀବନରେ ମଧ୍ୟ ପ୍ରମାଣିତ କରିଦେଇଛନ୍ତି। ତାଙ୍କ ମଣିଷ ଗଢ଼ା କାରଖାନା ହେଉଛି ଅଡ଼ଶପୁରସ୍ଥିତ ଉଦୟନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ। ୧୯୮୬ରେ ତ୍ରିଲୋଚନ କାନୁନଗୋ ୩୦ ଏକର ଜମି ଉପରେ ଆରମ୍ଭ କରିଥିଲେ ଏହି ଶିକ୍ଷାନୁଷ୍ଠାନ। ଏହାର ପ୍ରତିଷ୍ଠାତା ସଭାପତି ଭାବେ ସେ ଗ୍ରାମାଞ୍ଚଳରେ ଶିକ୍ଷାର ଯେଉଁ ବୀଜ ବପନ କରିଥିଲେ ସେହି ଅନୁଷ୍ଠାନ ଏବେ ବିଶାଳ ମହାଦ୍ରୁମରେ ପରିଣତ ହୋଇଛି। ସେଠି ୮ ହଜାର ପିଲାଙ୍କ ଭବିଷ୍ୟତ ଗଢ଼ା ଯାଉଛି। ଅନୁଷ୍ଠାନରେ ୨୧ଟି ସ୍ନାତକୋତ୍ତର (ପିଜି) ଓ ୨୧ଟି ସ୍ନାତକ (ୟୁଜି)ବିଭାଗ ରହିଛି। କଲେଜରେ ଥିବା ଲାଇବ୍ରେରିରେ ୧ଲକ୍ଷ ବହି ରଖିବା ଥିଲା ତାଙ୍କ ସ୍ୱପ୍ନ। ଏପରିକି ସେ ଅସୁସ୍ଥ ହେବାର କିଛି ଦିନ ପୂର୍ବରୁ ନିଜେ ବହି ସବୁ କିଣିବାକୁ ଯାଇଥିଲେ ଓ ନିଜ ପସନ୍ଦର ଭଲ ଭଲ ବହି ସବୁ ନେଇ କଲେଜ ଲାଇବ୍ରେରୀରେ ଦେଇଥିଲେ। କଲେଜରେ ସେମିନାର ହେଉ ବା ସାହିତ୍ୟ ସଭା, ସବୁଠି ସେ ନିଜେ ଶେଷ ପର୍ଯ୍ୟନ୍ତ ରହୁଥିଲେ। କଲେଜ ଲାଇବ୍ରେରୀରେ ତିଆରି ହୋଇଥିବା ଅଧ୍ୟୟନ କକ୍ଷ, ହେରିଟେଜ ହଲ ଇତ୍ୟାଦି ତିଆରି ସରିଥିଲା। କେବଳ ତାଙ୍କୁ ଅପେକ୍ଷା ଥିଲା ସେ ସୁସ୍ଥ ହୋଇ ଫେରିଲେ ଉଦଘାଟନ ହେବ। ଉଦୟନାଥ କଲେଜକୁ ଗ୍ରାମୀଣ ବିଶ୍ୱବିଦ୍ୟାଳୟର ମାନ୍ୟତା ଦେବା ପାଇଁ ଯାହା କିଛି ଆବଶ୍ୟକ ସେ ସବୁ ଭିତିଭୂମିକୁ ପ୍ରସ୍ତୁତ କରିଥିଲେ। ସୁଇମିଙ୍ଗପୁଲ ଠାରୁ ଆରମ୍ଭ କରି ଷ୍ଟାଡିୟମ ପର୍ଯ୍ୟନ୍ତ ସବୁ କିଛି ତାଙ୍କରି ଅବଦାନ। କିନ୍ତୁ ଏହାକୁ ଗ୍ରାମୀଣ ବିଶ୍ୱବିଦ୍ୟାଳୟର ରୂପ ଦେବା ପୂର୍ବରୁ ତ୍ରିଲୋଚନ ବାବୁ ଆର ପାରିକୁ ଚାଲିଗଲେ।

ସ୍ୱର୍ଗତଃ କାନୁନଗୋ କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ବଡ଼ମୂଳେଇ ଗ୍ରାମରେ ୧୯୪୦ ମସିହା ସେପ୍ଟେମ୍ବର ୨୪ ତାରିଖରେ ଜନ୍ମଗ୍ରହଣ କରିଥିଲେ। ତାଙ୍କ ବାପାଙ୍କ ନାମ ପ୍ରେମାନନ୍ଦ କାନୁନଗୋ ଓ ମାଆଙ୍କ ନାମ କ୍ଷେତ୍ରମଣି କାନୁନଗୋ। ଝାରପଡ଼ା ହାଇସ୍କୁଲରେ କିଛି ଦିନ ପଢ଼ିବା ପରେ ସୁନ୍ଦରଗାଁ ହାଇସ୍କୁଲରୁ ସେ ମାଟ୍ରିକ ପାସ କରିଥିଲେ। ପରେ ରେଭେନ୍ସା କଲେଜରୁ ଗଣିତ ବିଷୟରେ ସ୍ନାତକ ଓ ସ୍ନାତକୋତ୍ତରରେ ଉତ୍ତୀର୍ଣ୍ଣ ହୋଇ ସୁନ୍ଦରଗାଁ ହାଇସ୍କୁଲରେ ଗଣିତ ଶିକ୍ଷକ ଭାବେ ବୃତ୍ତିଗତ ଜୀବନ ଆରମ୍ଭ କରିଥିଲେ। ୧୯୭୧ରେ ଗୋବିନ୍ଦପୁର ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଧାୟକ ହୋଇଥିଲେ। ୧୯୭୪ରେ କଂଗ୍ରେସ ଟିକଟରୁ କଟକ ସହର ବିଧାୟକ ହୋଇଥିଲେ। ୧୯୭୮ରେ ପ୍ରତ୍ୟକ୍ଷ ନିର୍ବାଚନ ଲଢ଼ି ସେ କଟକ ପୌର ପରିଷଦର ନଗରପାଳ ନିର୍ବାଚିତ ହୋଇଥିଲେ। ପୁଣି ୧୯୮୫ରେ ସ୍ୱାଧୀନ ପ୍ରାର୍ଥୀ ଭାବେ ଗୋବିନ୍ଦପୁରରୁ ବିଧାୟକ ହୋଇଥିଲେ। ୧୯୯୨ ରୁ ୧୯୯୫ ପର୍ଯ୍ୟନ୍ତ ପୁଣି ଦ୍ୱିତୀୟବାର କଟକ ପୌର ପରିଷଦର ନଗରପାଳ ନିର୍ବାଚିତ ହୋଇଥିଲେ। କଟକ ପୌର ପରିଷଦର ନଗରପାଳ ଭାବେ କାର୍ଯ୍ୟ କରିବା ସମୟରେ ସେ ସହରର ପରିମଳ ଓ ମଶାମରା ଅଭିଯାନକୁ ତ୍ୱରାନ୍ୱିତ କରିଥିଲେ। ତାଙ୍କର ଏଭଳି କାର୍ଯ୍ୟ ପାଇଁ କଟକ ସହରବାସୀ ତାଙ୍କୁ ଶ୍ରଦ୍ଧାରେ ମଶା ମଉସା ବୋଲି ସମ୍ବୋଧନ କରୁଥିଲେ। ସେ ୧୯୯୮ରୁ ୨୦୦୩ ପର୍ଯ୍ୟନ୍ତ ଜଗତସିଂହପୁର ଲୋକସଭା ସଦସ୍ୟ ଭାବେ କାର୍ଯ୍ୟ କରିଥିଲେ। ଅର୍ଥନୀତିରେ ବି ତାଙ୍କର ବିଶେଷ ଦକ୍ଷତା ଥିଲା। ସେଥିପାଇଁ ୨୦୦୨ରେ ସେ ଦ୍ୱିତୀୟ ରାଜ୍ୟ ଅର୍ଥ କମିସନର ଅଧ୍ୟକ୍ଷ ଦାୟିତ୍ୱ ନିର୍ବାହ କରିଥିଲେ। ତାଙ୍କ ଉଦ୍ୟମରେ ଅଡ଼ଶପୁରରେ ୟୁଏନ୍ କଲେଜ ପ୍ରତିଷ୍ଠା ହୋଇଥିଲା। ମୃତ୍ୟୁ ପର୍ଯ୍ୟନ୍ତ ସେ ୟୁଏନ କଲେଜ ପରିଚାଳନା କମିଟି ସଭାପତି ଥିଲେ।

ମୂଲ୍ୟବୋଧଭିତ୍ତିକ ରାଜନୀତିର ପ୍ରତୀକ ବିଶିଷ୍ଟ ଶିକ୍ଷାବିତ ପ୍ରବୀଣ ଅର୍ଥନୀତିଜ୍ଞ ତ୍ରିଲୋଚନ କାନୁନଗୋଙ୍କ ପରଲୋକ ହୋଇଛି ସତ ହେଲେ ଏକ ଲମ୍ବା ଓ ସଫଳ ରାଜନୈତିକ ଜୀବନକୁ ସେ ସାମ୍ନା କରି ଅନ୍ୟ ସମସ୍ତଙ୍କ ପାଇଁ ଆଦର୍ଶର ପ୍ରତୀକ ପାଲଟିଛନ୍ତି। ଭୂସଂସ୍କାର ଠାରୁ ଆରମ୍ଭ କରି ଅର୍ଥନୀତି, ଶିକ୍ଷାଠାରୁ ସଂସ୍କୃତି ସବୁ କ୍ଷେତ୍ରରେ ତାଙ୍କର ବିଶେଷ ପାରଦର୍ଶୀତା ଥିଲା। ପୂଜ୍ୟଶ୍ରୀ ଯୁଗାବତାର କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ ସହ ସେ ପ୍ରଥମରୁ ଜଡ଼ିତ ଥିଲେ। ଅନେକ କାର୍ଯ୍ୟକ୍ରମରେ ଏହି ଲେଖିକା ତାଙ୍କ ସାନିଧ୍ୟ ପାଇବା ସହ ଅନୁଷ୍ଠାନର ଜଣେ ଶୁଭେଚ୍ଛୁ ଭାବେ ସେ ଅନେକ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ, ପ୍ରେରଣା ବଢ଼ାଇବା ସହ ଉତ୍ସାହ ମଧ୍ୟ ଦେଉଥିଲେ। ଜନସେବା କ୍ଷେତ୍ରରେ ତାଙ୍କର କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କର ଅମର ଆତ୍ମାର ସଦଗତି କାମନା କରୁଛି।

**ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ**
**ଅଶୋଭନୀୟତା ନିରୋଧ ଆନ୍ଦୋଳନ,**
**କଟକ, ଦୂରଭାଷ :**
**୯୯୩୭୧୭୨୮୧୦**

# ନବ କୈବଲ୍ୟ ଭାବଧାରାରେ କୋଇଲି ବୈକୁଣ୍ଠ

**ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର**



କୋଇଲି ବୈକୁଣ୍ଠ ନାମଟି ଆସିଛି କୈବଲ୍ୟ ବୈକୁଣ୍ଠରୁ। ଶାସ୍ତ୍ରମତରେ କୈବଲ୍ୟର ଅର୍ଥ ହେଉଛି ଇନ୍ଦ୍ରିୟ ତ୍ୟାଗପୂର୍ବକ ଆତ୍ମାର କେବଳତ୍ୱ। ଏଥିରେ ଶରୀରକୁ ଆଧାର କରି ରହିଥିବା ଇନ୍ଦ୍ରିୟମାନେ ଆଉ ରହନ୍ତି ନାହିଁ। କେବଳ ରହେ ଅଜର, ଅମର ଆତ୍ମା। ନବକଳେବରରେ ମଧ୍ୟ ଏହା ହିଁ ହୁଏ। ଏହା ଯେଉଁ ସ୍ଥାନରେ ଘଟେ, ତାହାର ନାମ କୈବଲ୍ୟ ବୈକୁଣ୍ଠ। ତାହାର ଲୋକପ୍ରିୟ ପରିଭାଷା ହେଉଛି କୋଇଲି ବୈକୁଣ୍ଠ। ଏଥିରେ କୋଇଲି ହେଉଛି କୈବଲ୍ୟ ଶବ୍ଦର ଅପଭ୍ରଂଶ। ଆଉ ବୈକୁଣ୍ଠର ଅର୍ଥ ବିଷ୍ଣୁଙ୍କର ଅବସ୍ଥାନ କ୍ଷେତ୍ର। ଶ୍ରୀକ୍ଷେତ୍ର ବା ଶ୍ରୀପୁରୁଷୋତ୍ତମ କ୍ଷେତ୍ର ମର୍ତ୍ତ୍ୟଲୋକରେ ଭଗବାନ ବିଷ୍ଣୁଙ୍କ ଅବସ୍ଥାନ କ୍ଷେତ୍ର। ଏଣୁ ଏହାର ନାମ ମର୍ତ୍ତ୍ୟ ବୈକୁଣ୍ଠ। ଶ୍ରୀକ୍ଷେତ୍ର ବା ଶ୍ରୀ ପୁରୁଷୋତ୍ତମ କ୍ଷେତ୍ରକୁ ନେଇ ଗଢ଼ି ଉଠିଛି ନବ ବୈକୁଣ୍ଠର ଭାବଧାରା। ଏହା ଗଢ଼ି ଉଠିଛି ଶ୍ରୀମନ୍ଦିର ଓ ସ୍ୱର୍ଗଦ୍ୱାରକୁ ନେଇ। ଶ୍ରୀମନ୍ଦିରର ରତ୍ନସିଂହାସନ ବା ଅନ୍ତର୍ବେଦୀ – ଯେଉଁଠି ଶ୍ରୀଜଗନ୍ନାଥ ବିରାଜମାନ କରନ୍ତି, ତାହା ନୀଳାଦ୍ରୀ ବୈକୁଣ୍ଠ ଭାବରେ ଖ୍ୟାତ। ଏହାର ଅନ୍ୟନାମ ନୀଳକନ୍ଦର। ଶ୍ରୀମନ୍ଦିରର ମୁଖ୍ୟଦ୍ୱାର ହେଉଛି ସିଂହଦ୍ୱାର। କାରଣ ଶ୍ରୀମନ୍ଦିରର ରତ୍ନସିଂହାସନରେ ଶ୍ରୀଜଗନ୍ନାଥ ପୂର୍ବାଭିମୁଖ ହୋଇ ଅବସ୍ଥାନ କରିଛନ୍ତି। ଏହି ପୂର୍ବଦ୍ୱାରରେ ବିରାଜମାନ କରୁଛନ୍ତି ଶ୍ରୀପତିତପାବନ। ସିଂହଦ୍ୱାର ଗୁମୁଟର ଉତ୍ତରପାର୍ଶ୍ୱରେ ପୂର୍ବାଭିମୁଖ ହୋଇ ସେ ଅବସ୍ଥାନ କରୁଛନ୍ତି। ଏଣୁ ଏହା ପୂର୍ବ ବୈକୁଣ୍ଠ ଭାବରେ କଥିତ।

ପୂର୍ବ ବୈକୁଣ୍ଠ ପରି ଶ୍ରୀମନ୍ଦିରରେ ଏକ ପଶ୍ଚିମ ବୈକୁଣ୍ଠ ମଧ୍ୟ ଅଛି। କାରଣ ଶ୍ରୀମନ୍ଦିରର ଠିକ୍ ପଶ୍ଚିମରେ ନହେଲେ ମଧ୍ୟ ପ୍ରାୟ ପଶ୍ଚିମ ଦିଗରେ ଅବସ୍ଥାନ କରୁଛନ୍ତି ଚତୁର୍ଭୁଜା ମା ମହାଲକ୍ଷ୍ମୀ। ଏଣୁ ଆଧ୍ୟାତ୍ମିକ ଗୁରୁତ୍ୱ ଦୃଷ୍ଟିରୁ ଏହି ମହାଲକ୍ଷ୍ମୀ ପୀଠ ପଶ୍ଚିମ ବୈକୁଣ୍ଠ ଭାବରେ ପ୍ରସିଦ୍ଧ। ପୂର୍ବ ଓ ପଶ୍ଚିମ ପରି ଶ୍ରୀମନ୍ଦିରର ପ୍ରାୟ ଦକ୍ଷିଣ ମଧ୍ୟ ଏକ ବୈକୁଣ୍ଠ ଅଛି। ଏହା ଅନନ୍ତ ବୈକୁଣ୍ଠ ଭାବରେ ଆଖ୍ୟାୟିତ। କାରଣ ଏହି ଦିଗରେ ରହିଛି ଶ୍ରୀଅନନ୍ତଙ୍କର ଆସ୍ଥାନ। ଏହା ବ୍ୟତୀତ ଶ୍ରୀମନ୍ଦିରରେ ଅଛି ବ୍ରହ୍ମ ବୈକୁଣ୍ଠ, ଲୀଳା ବୈକୁଣ୍ଠ, ପାତାଳ ବୈକୁଣ୍ଠ ଏବଂ ଶ୍ରୀମନ୍ଦିର ପରିସର ବାହାରେ ଅଛି ଅମର ବୈକୁଣ୍ଠ। ଶ୍ରୀମନ୍ଦିରର ଦକ୍ଷିଣରେ, ଶ୍ରୀନୃସିଂହ ମନ୍ଦିର ସମ୍ମୁଖରେ ଅଛି ମୁକ୍ତି ମଣ୍ଡପ। ଏହାର ଅନ୍ୟ ଦୁଇଟି ନାମ ହେଉଛି ଯଜ୍ଞ ମଣ୍ଡପ ଓ ବ୍ରହ୍ମାସନ। ଏ ଦୃଷ୍ଟିରୁ ମୁକ୍ତି ମଣ୍ଡପ ବ୍ରହ୍ମବୈକୁଣ୍ଠ ଭାବରେ ମଧ୍ୟ ବିଦିତ। ସେହିପରି ଶ୍ରୀମନ୍ଦିରର ପ୍ରାୟ ଉତ୍ତର ଦିଗରେ, ଯେଉଁଠାରେ ଅଛି ବାଳୀ ବାମନ ମନ୍ଦିର – ତାହା ପାତାଳ ବୈକୁଣ୍ଠ ଭାବରେ ପ୍ରସିଦ୍ଧ। କଥିତ ଅଛି ଯେ ଏହି ଠାରେ ପ୍ରଭୁ ବାମନ ରୂପରେ ବାଳୀକୁ ପାତାଳଗାମୀ କରିଥିଲେ। ମହାଦାନୀ ବାଳୀ ବାମନରୂପୀ ବିଷ୍ଣୁଙ୍କୁ ତ୍ରିପାଦ ଭୂମି ଦାନ କରିବାକୁ ସତ୍ୟ କରିଥିଲା। ବିଷ୍ଣୁ ପ୍ରଥମପାଦରେ ସମଗ୍ର ପୃଥିବୀକୁ ଓ ଦ୍ୱିତୀୟ ପାଦରେ ସମଗ୍ର ଆକାଶକୁ ଅଧିକାର କରି ନେଇଥିଲେ। ଫଳରେ ତୃତୀୟ ପାଦ ପାଇଁ ବାଳୀ ନିଜର ମଥା ପାତି ଦେଇଥିଲେ। ସେହି ତୃତୀୟ ପାଦରେ ବିଷ୍ଣୁ ବାଳୀକୁ ପାତାଳକୁ ଚାପି ଦେଇଥିଲେ। ଭଗବାନ ବିଷ୍ଣୁଙ୍କର ତ୍ରିବିକ୍ରମ ମୂର୍ତ୍ତି ଏହି ଉପାଖ୍ୟାନର ସୂଚକ। ଶ୍ରୀମନ୍ଦିରରେ ବୈକୁଣ୍ଠ ଭାବଧାରାର ଆଉ ଗୋଟିଏ ପରିପ୍ରକାଶ ହେଉଛି ଲୀଳା ବୈକୁଣ୍ଠ। ଶ୍ରୀମନ୍ଦିରର ଜଗମୋହନ ଓ ମାଜଣା ମଣ୍ଡପ ହେଉଛି ଅର୍ଚ୍ଚା ବିଗ୍ରହ ବା ଚଳନ୍ତି ପ୍ରତିମା ମାନଙ୍କର ଉପାସନା ସ୍ଥଳୀ। ଏଣୁ ଏହା ଲୀଳା ବୈକୁଣ୍ଠ ଭାବରେ ଲୋକପ୍ରିୟ। ଏହା ବ୍ୟତୀତ ଶ୍ରୀମନ୍ଦିର ପରିସର ବାହାରେ ଅଛି ଆଉ ଏକ ବୈକୁଣ୍ଠ। ଏହା ହେଉଛି ମହୋଦଧି ତଟର ସ୍ୱର୍ଗଦ୍ୱାର। ଏହା ସର୍ବମୋକ୍ଷ ସ୍ଥଳ ବା ମୁକ୍ତିଦ୍ୱାର ରୂପେ କଥିତ। ମୃତ୍ୟୁପରେ ମର ଶରୀରକୁ ଏଠାରେ ଦାହ କଲେ ଆତ୍ମା ମୁକ୍ତି ବା ମୋକ୍ଷ ପାଇଥାଏ ବୋଲି ବିଶ୍ୱାସ ରହିଛି। ନବବୈକୁଣ୍ଠ ଭାବଧାରାରେ ଏହା ହେଉଛି ଅମର ବୈକୁଣ୍ଠ। ଏହି ଅଷ୍ଟବୈକୁଣ୍ଠ ପରେ ଅନ୍ୟ ଏକ ବୈକୁଣ୍ଠ ହେଉଛି କୈବଲ୍ୟ ବୈକୁଣ୍ଠ ବା ଲୋକପ୍ରିୟ ପରିଭାଷାର କୋଇଲି ବୈକୁଣ୍ଠ। ଏହି କୈବଲ୍ୟ ବୈକୁଣ୍ଠ ହେଉଛି ଶ୍ରୀମନ୍ଦିରର ଉତ୍ତର-ପଶ୍ଚିମ ଭାଗରେ ଥିବା ଲୀଳାସ୍ଥଳୀ ଯେଉଁଠାରେ ଶ୍ରୀବିଗ୍ରହମାନଙ୍କର ନିର୍ମାଣ ଓ ପ୍ରତିଷ୍ଠା ଏବଂ ଘଟ ପରିବର୍ତ୍ତନ ପରେ ପୁରାତନ ବିଗ୍ରହମାନଙ୍କର ଭୂଗର୍ଭଶାୟନ କରାଯାଇଥାଏ। ଏହାକୁ ଜନ୍ମକୁଞ୍ଜ ବୋଲି ମଧ୍ୟ ଅନେକ ଅଭିହିତ କରିଥାନ୍ତି। ଏହା ମଧ୍ୟ ଦେବ ଶ୍ମଶାନ ରୂପେ କଥିତ ହୁଏ। ପୁଣି ବୈଷ୍ଣବୀୟ ଚିନ୍ତନରେ ଏହା ନିତ୍ୟ ବୃନ୍ଦାବନ। ସେମାନଙ୍କ ଭାବଧାରାରେ ଏଠାରେ ରାଧା କୋଇଲି ରୂପରେ ଆବିର୍ଭୂତ ହୋଇଥିଲେ। ପୁଣି ଶିଆଳିଲଟା ପରିବେଷ୍ଟିତ ଏହି ସ୍ଥାନକୁ ଶ୍ରୀକୃଷ୍ଣଙ୍କର ଦେହାବସ୍ଥାନ ସ୍ଥଳ ରୂପେ ବିବେଚନା କରାଯାଉଥିବାରୁ ଏହାର ଅନ୍ୟ ଆଧ୍ୟାତ୍ମିକ ମହତ୍ତ୍ୱ ମଧ୍ୟ ରହିଛି। ତେବେ ଶ୍ରୀମନ୍ଦିର ଓ ଶ୍ରୀକ୍ଷେତ୍ରର ନବ ବୈକୁଣ୍ଠ ଭାବଧାରାରେ କୈବଲ୍ୟ ବୈକୁଣ୍ଠ ନାମଟି ହିଁ ସର୍ବାଧିକ ଗୁରୁତ୍ୱ ବହନ କରେ।

**ସହପ୍ରତିରତ୍ୱିକ ଓ ପ୍ରଫେସର,**
**ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର**
**ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

# ଖବର କାଗଜର ଜୀବନ: ଦିନ ଥିଲା ଛ'ପଇସାର କାଗଜ

ସାଧାରଣରେ ଲୋକେ ସୂର୍ଯ୍ୟ ଉଇଁଲାପରେ ନିଜର ଦୈନନ୍ଦିନ କାର୍ଯ୍ୟ ଆରମ୍ଭ କରିଥାନ୍ତି। ହେଲେ ଆମ ପରି ଖବରକାଗଜକୁ ତେଲଲୁଣର ଗୁଜୁରାଣ କରୁଥିବା ଲୋକମାନଙ୍କ ପାଇଁ ସୂର୍ଯ୍ୟ ଦେଖୁ ଖବର କାଗଜକୁ ପାଇବା ପରେ। କାରଣ ବାଣ୍ଟିବା ପାଇଁ ଯିବାକୁ ପଡ଼େ ଅନେକ ବାଟ, ଚଢ଼ିବାକୁ ହୁଏ ଅନେକ ପାହାଚ। କଟକର ବାଦାମବାଡ଼ି, କଲେଜଛକ , ସିଡିଏ, ବକ୍ସିବଜାର ହେଉଛି ପେପରର ମୁଖ୍ୟ ପେଣ୍ଠ। ଆମ ଖବରକାଗଜର ଆୟ ଜୀବନକୁ ଏକ ପ୍ରକାର ଧୂଳିସାତ କରିଦେଲାଣି ଇ-ପେପର ବ୍ୟବସ୍ଥା। କାରଣ ଲୋକମାନେ ସକାଳ ଛଅଟା ପୂର୍ବରୁ ଇ-ପେଜ ସେମାନଙ୍କ ମୋବାଇଲ ଫୋନରେ ପାଉଥିବାରୁ ଏବେ ଖବରକାଗଜର ବିକ୍ରି ପୂର୍ବ ଠାରୁ କମି ଯାଇଛି। ସେହିପରି ଅନେକ ଖବର କାଗଜ ଭିତରେ ପ୍ରମୁଖ ଖବରକାଗଜର ଯାହା ଚାହିଦା ରହିଛି। ସୋସିଆଲ ମିଡ଼ିଆ, ଗୁଗୁଲ ଓ ୟୁଟୁବ ଯୁଗରେ ଛପା ଖବରକାଗଜ ପୂର୍ବପରି ଆଉ ବେପାର ଦେଉନାହିଁ। ଦୁଇବର୍ଷ ତଳେ ସମଗ୍ର ବିଶ୍ୱ ସମ୍ମୁଖୀନ ହୋଇଥିବା ମହାମାରୀ କରୋନା ଆମ ଖବର କାଗଜ ଶିଳ୍ପକୁ ଏକ ପ୍ରକାର ଧୂଳିସାତ କରିଦେଲା। ପୁରାଣ ସମୟର କଟକ କଥାକୁ ଭାବି ବର୍ତ୍ତମାନର କଟକକୁ ଚିନ୍ତା କଲାବେଳକୁ ଆକାଶ ପାତାଳ ପ୍ରଭେଦ ରହିଛି। ପୁରୁଣା ଖବରକାଗଜ ବିତରକ ମଉସା ବା ବଡ଼ଭାଇମାନେ ଯାହା କୁହନ୍ତି କଟକର ଚାନ୍ଦିନୀଚୌକ ଓ କଲେଜଛକରେ ବସ୍ଷ୍ଟାଣ୍ଡ ଥିଲା। ନାଲିମୋହରମ ରାସ୍ତା, ପୋଖରୀ ଭର୍ତ୍ତି ସହର ଭିତରେ ସନ୍ଧ୍ୟା ହେଲେ ଖୁଣ୍ଟରେ ଲଣ୍ଠନ ଟଙ୍ଗା ହେଉଥିଲା। ଆଜି ଚାରିଆଡ଼େ ପ୍ରାଚୁର୍ଯ୍ୟର ଭେଳିକି। ହଁ, ଖବରକାଗଜ କଥା ଲେଖୁଛି, ସେତେବେଳେ ଖବରକାଗଜ ବୋଇଲେ ସମାଜ, ପ୍ରଜାତନ୍ତ୍ର, ଜନଶକ୍ତି, ମାତୃଭୂମି ଓ କଳିଙ୍ଗ ପ୍ରକାଶ ପାଉଥିଲା। କଳିଙ୍ଗ ପେପର ଛ'ପଇସା ମୂଲ୍ୟ ରହିଥିବା ବେଳେ ଅନ୍ୟ ପେପରର ଦାମ ବାର ପଇସା ରହିଥିଲା। ରାତିରେ ହିଁ ଲୋକଙ୍କ ଘରେ ପେପର ଦିଆଯାଉଥିଲା ଏବଂ ସଙ୍ଗେ ସଙ୍ଗେ ପଇସା ଆମ୍ଭେମାନେ ସଂଗ୍ରହ କରୁଥିଲୁ। ବର୍ତ୍ତମାନ ଖରା ବର୍ଷାରେ ଟିକିଏ ଡ଼େରି ହୋଇଗଲେ ଖବରକାଗଜ ପକାଉଥିବା ପିଲା ଉପରେ ପେପର ନେଉଥିବା ବାବୁଙ୍କ ବିରକ୍ତି ରହିଛି। କେହି କେବେ ହକ୍ର ଭାଇଟି କଥା ଭାବନ୍ତି କି ?



ପୁରୁଣା ବିତରକ ବଡ଼ଭାଇମାନେ ଯାହା କୁହନ୍ତି ସେତେବେଳେ ବଜାରରେ ଲାଇନ ନଥିବାରୁ ଖବରକାଗଜ ଲୋକଙ୍କ ଘରେ ପକାଇବା ପାଇଁ ଆମ୍ଭେମାନେ ଘୋଡ଼ାଗାଡ଼ି ପଛରେ ଏକ ପ୍ରକାର ଦୌଡ଼ି ଦୌଡ଼ି ପେପର ଦେଉଥିଲୁ। ବର୍ତ୍ତମାନର ଅତ୍ୟାଧୁନିକ ମେସିନ୍ ବଦଳରେ ଫ୍ଲାଟ୍ ମେସିନର ଯୁଗ ଥିଲା। ସବୁଠାରୁ ବଡ଼ କଥା ଥିଲା ଲୋକଙ୍କ ଭିତରେ ଖବରକାଗଜ ପ୍ରତି ଆଗ୍ରହ ଥିଲା ସ୍ୱତନ୍ତ୍ର। ବର୍ତ୍ତମାନ ଖବର କାଗଜ ସହ ଜଡ଼ିତ ରହିଥିବା ଆମ ପରି ଭାଇମାନଙ୍କ ଦୁଃଖ ସତରେ କେହି ବୁଝନ୍ତି ନାହିଁ। ଛୁଟି ନାହିଁ ପରିବାର ଠାରୁ ଦୀର୍ଘ ଦିନ ଦୂରରେ ରହି ଦାୟିତ୍ୱ ଭଲ ଭାବରେ ବୁଝି ନପାରି ମାନସିକ କ୍ଷେତ୍ରରେ ଯାତନା ପାଇବା ସହ ପଇସା ମଧ୍ୟ ପଡ଼ିରହିଥାଏ। ଏହାସହ ଦୈବଦୁର୍ଘଟଣା ଲାଗିରହିଛି। ବର୍ଷା, ଖରା, ଶୀତକୁ ଖାତିର୍ ନକରି ହକ୍ର ଭାଇମାନେ ଦ୍ୱାର ମୁହଁରେ ପେପରଟି ପହଞ୍ଚାଉଥିଲେ ବି କ୍ୱଚିତ୍ ଭଦ୍ରଲୋକ ଥାନ୍ତି ଯାହାଙ୍କ ଭିତରେ ମଣିଷ ପଣିଆ ରହିଥାଏ। ମାସ ମାସ ଧରି ବାକି ରଖିବାକୁ ପଡ଼ିଥାଏ। ଇଆଡ଼େ ଖବରକାଗଜ ସଂସ୍ଥାକୁ ପଇସା ବିଳମ୍ବ କଲେ ଅନ୍ୟଜଣଙ୍କୁ ପେପର ବିତରକର ଦାୟିତ୍ୱ ଦିଆଯାଇଥାଏ। ଗଣତନ୍ତ୍ରର ଚତୁର୍ଥସ୍ତମ୍ଭ ଭାବରେ ମାନ୍ୟତା ପାଇଥିବା ଖବରକାଗଜର ଭୂମିକା ବର୍ତ୍ତମାନ ଯଥେଷ୍ଟ ଭାବରେ ବଢ଼ିଛି। କିନ୍ତୁ ଏ ତୁଳନାରେ ହକ୍ର ଭାଇଟିକୁ ନାଁ ସମ୍ମାନ ମିଳିଥାଏ ନାଁ ପଦେ ଭଲ କଥା। କଟକ ସହରରେ ଦୀର୍ଘବର୍ଷର ପେପର ବିକ୍ରେତା ଜୀବନ ଭିତରେ ମୁଁ ଦେଖିଛି ସବୁଠାରୁ ଦୁଃଖଦ ଜୀବନ ଆମପରି ହକ୍ର ଭାଇମାନେ ବିତାଇଥାନ୍ତି। କିନ୍ତୁ ସେମାନଙ୍କ ପାଇଁ ନାଁ ସହାୟତା ନାଁ ପ୍ରୋତ୍ସାହନ। ଜଣେ ହକ୍ର ଭାଇଟିର ସାଇକେଲଟି ଯଦି ହଜିଯାଏ ତା'ଗୁଜୁରାଣଟି ବୁଡି ଯିବା ସହ ନିର୍ଭର କରୁଥିବା ପରିବାରଟି ଦୁଃଖରେ ଆଉଟୁପାଉଟୁ ହେଉଥାଏ। ପୁରୁଣା ସମୟର ଖବରକାଗଜ ଜୀବନ ଓ ବର୍ତ୍ତମାନର ଜୀବନ ଭିତରେ ଅନେକ ତଫାତ୍ ରହିଛି। ମୁଁ କହିବି ସେ ସମୟର ନିର୍ଭେଜାଲ ବନ୍ଧୁବତ୍ସଳ ଲୋକମାନେ ସତେଯେପରି ଦିନକୁ ଦିନ କମିଯାଉଛନ୍ତି। ସହଜେ ତ ମଣିଷ ପଣିଆ ଓ ମାନବିକତା ହଜିଯାଉଥିବା ବେଳେ ସାଧାରଣ ହକ୍ରଟିକୁ କିଏ ବା ପଚାରେ ? କିନ୍ତୁ ମୁଁ କେବେବି ସେ ଦିନର ଦିନଗୁଡ଼ିକୁ ଭୁଲି ପାରିବି ନାହିଁ। ବର୍ତ୍ତମାନ ବି ସମୟ ଅଛି ଗଣତନ୍ତ୍ରର ପ୍ରମୁଖ ସ୍ତମ୍ଭ ଖବରକାଗଜକୁ ସମସ୍ତେ ଭଲ ପାଆନ୍ତୁ, ନିଜ ମାତୃଭାଷା ଓ ମାତୃଭୂମିକୁ ଭଲପାଇବା ସହ ଗୁଣ୍ଡୁଚିମୂଷା ପରି ସ୍ତମ୍ଭ ପ୍ରତିଷ୍ଠାରେ ନିଜ ଦାୟିତ୍ୱ ନିର୍ବାହ କରୁଥିବା ହକ୍ର ଭାଇଟିକୁ ଯେପରି କେହି ସେମାନଙ୍କ ସ୍ନେହଶ୍ରଦ୍ଧାରୁ ଭୁଲି ନଯାନ୍ତି।

**ମହେଶ୍ୱର ରାଓ**
***ତନ୍ତୀ ସାହି, ଓଡ଼ିଆ ବଜାର, କଟକ,***
***ମୋ: ୯୦୪୦୨୨୮୪୯୧***

# ଈଶ୍ୱର ନାମ

**ଦେବଦତ୍ତ ବିଶ୍ୱାଳ**



ଆମେ ଅନେକ ସମୟରେ ଆମ ନିଜକୁ ପ୍ରଶ୍ନ କରୁ ଈଶ୍ୱରଙ୍କ ନାମ କିପରି ନେବୁ? ଈଶ୍ୱରଙ୍କ ନାମ ନେଲେ ଆମେ କ'ଣ ପାଇବୁ? ନାମ ନେବା ପାଇଁ ପଦ୍ଧତି କ'ଣ ଓ ଆମେ କେଉଁ ନାମରେ ଈଶ୍ୱରଙ୍କୁ ଡାକିବୁ? ଏହିପରି ଅନେକ ପ୍ରଶ୍ନ ଆନ୍ଦୋଳିତ ହୁଏ। ହେଲେ ଆମେ ଜାଣି ନଥାଉ ଯେ ଈଶ୍ୱର ନାମର ଜପ ବ୍ୟକ୍ତିକୁ ତାଙ୍କ ନିକଟରେ ପହଞ୍ଚାଇ ଦେଇଥାଏ । ଏପରିକି ଭକ୍ତଭାବ ନଥାଇ ବି ଯଦି ଜଣେ କେବଳ ଭଗବାନଙ୍କ ନାମ ଉଚ୍ଚାରଣ କରିଥାଏ ତେବେ ବି ସେ ମୋକ୍ଷ ଲାଭ କରିଥାଏ ବୋଲି ବିଶ୍ୱାସ କରାଯାଏ । ଉଦାହରଣ ଭାବେ ପାପୀ ଅଜାମିଳର କାହାଣୀକୁ ନିଆଯାଇପାରେ । ଅଜାମିଳ ନାମକ ଜଣେ ଦୁଷ୍ଟ ବ୍ୟକ୍ତି ଥିଲେ । ଜୀବନ ସାରା ସେ କେବଳ ପାପ ହିଁ କରିଥିଲେ । ଶେଷ ସମୟରେ ମୃତ୍ୟୁ ଶଯ୍ୟାରେ ସେ କେବଳ ତାଙ୍କ ସାନ ପୁଅକୁ ଖୋଜୁଥିଲେ । ତାଙ୍କ ସାନପୁଅର ନାମ ନାରାୟଣ ଥିଲା । ଅଜାମିଳ ସବୁବେଳେ ସାନପୁଅ ନାରାୟଣକୁ ଖୋଜୁଥିଲେ । କିନ୍ତୁ ଭଗବାନ ନାରାୟଣଙ୍କ ଧ୍ୟାନ ମଧ୍ୟ ସେ କରୁନଥିଲେ । ତେବେ ନିରନ୍ତର ଭାବେ ଏହି ନାରାୟଣ ନାମ ଉଚ୍ଚାରଣ ତାଙ୍କୁ ମୋକ୍ଷ ପ୍ରଦାନ କରିବାରେ ସହାୟକ ହୋଇଥିଲେ । ତେଣୁ ଅନେକେ ନିଜ ସନ୍ତାନ ମାନଙ୍କ ନାମ ଭଗବାନଙ୍କ ନାମରେ ରଖିଥାଆନ୍ତି । ଭଗବାନଙ୍କ ନାମ ଉଚ୍ଚାରଣ ବ୍ୟକ୍ତିକୁ ମୋକ୍ଷପ୍ରାପ୍ତିରେ ସହାୟକ ହୋଇଥାଏ । କେବଳ ସେତିକି ନୁହେଁ ଭଗବାନଙ୍କ ନାମ ଉଚ୍ଚାରଣ ବ୍ୟକ୍ତିକୁ ଅସନ୍ନ ବିପଦରୁ ସୁରକ୍ଷା ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ଭଗବାନଙ୍କ ନାମ ଜପ କରୁଥିବା ବ୍ୟକ୍ତିକୁ ଯମ ମଧ୍ୟ ନେବା ପାଇଁ ଭୟଭୀତ ହୋଇଥାଏ ବୋଲି ମଧ୍ୟ ବିଶ୍ୱାସ କରାଯାଏ । ସେହିପରି ବିଭିନ୍ନ ମନ୍ତ୍ର ଜପ କରିବା ଠାରୁ ଶ୍ରେୟଷ୍କର ହେଉଛି ଭଗବାନଙ୍କ ନାମ ଜପ । ଏକ ଜଳନ୍ତା କୋଇଲାକୁ ଦୂରରୁ ଦେଖି ଏହାକୁ ଥଣ୍ଡା ଭାବି ହାତରେ ଧରିବା ପାଇଁ ଚେଷ୍ଟା କଲେ ସେ ନିଶ୍ଚୟ କୋଇଲା ଉତ୍ତାପକୁ ଅନୁଭବ କରିପାରିବ । ଏଣୁ ଭଗବାନଙ୍କ ସତ୍ତାକୁ ଅନୁଭବ କର କିମ୍ବା ନକର କେବଳ ତାଙ୍କର ନାମ ଉଚ୍ଚାରଣରେ ଜଣେ ବ୍ୟକ୍ତି ଏହାର ସୁଫଳ । ଜୀବନରେ ସଦାସର୍ବଦା ଈଶ୍ୱରଙ୍କ ନାମ ଜପରେ ନିୟୋଜିତ ରଖିଥାନ୍ତୁ। କାରଣ ଯମଦେବଙ୍କ ମୃତ୍ୟୁ ଫାଶ କେଉଁ ମୁହୂର୍ତ୍ତରେ ବି କେଉଁ ସ୍ଥାନରେ ବରଣ କରିପାରେ। ତେଣୁ ଜୀବନର ପ୍ରତିଟି ମୁହୂର୍ତ୍ତରେ ନିଜକୁ ସତକର୍ମ, ସତ ଚିନ୍ତନ ଓ ଈଶ୍ୱର ସମର୍ପିତ ଭାବ ରଖି ସେହି ପରମସତ୍ତା ଈଶ୍ୱରଙ୍କ ନାମ ସ୍ମରଣ ପୂର୍ବକ ଜୀବନ ନୌକାକୁ ଆଗେଇ ନିଅନ୍ତୁ।

**ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ, ଦୂରଭାଷ :**
**୯୮୬୧୯୪୪୫୯୪**




## ମୁଖ୍ୟ ଶାସନ ସଚିବଙ୍କ କେନ୍ଦୁଝର ଜିଲ୍ଲା ଗସ୍ତ

# କ୍ଷେତ୍ର ପରିଦର୍ଶନ ସହ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ସମୀକ୍ଷା





**କେନ୍ଦୁଝର/ଭୁବନେଶ୍ୱର :** ରାଜ୍ୟ ସରକାରଙ୍କ ମୁଖ୍ୟ ଶାସନ ସଚିବ ଶ୍ରୀ ପ୍ରଦୀପ କୁମାର ଜେନା ଆଜି କେନ୍ଦୁଝର ଜିଲ୍ଲା ଗସ୍ତରେ ଆସି କ୍ଷେତ୍ର ପରିଦର୍ଶନ କରିବା ସହ ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ତଦାରଖ ଓ ସମୀକ୍ଷା କରିଛନ୍ତି । କେନ୍ଦୁଝର ଜିଲ୍ଲା ପ୍ରଶାସନର ଅଭିନବ ପ୍ରୟାସ "ଆମ କଳିକା କେନ୍ଦ୍ର"ର ଭୂୟସୀ ପ୍ରଶଂସା କରିବା ସହିତ ଶିଶୁ ତଥା ମାତୃକଲ୍ୟାଣ ଦିଗରେ ଏହା ଅନନ୍ୟ ଉଦାହରଣ ସୃଷ୍ଟି କରିଛି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଧରଣୀଧର ବିଶ୍ୱବିଦ୍ୟାଳୟ (ପୁରୁଣାବଜାର ନିକଟ) ପରିଦର୍ଶନ କରିବା ସହ କ୍ୟାମ୍ପସ୍ ବୁଲି ସେଠାରେ ଶୈକ୍ଷିକ ପରିବେଶ ଅନୁଧ୍ୟାନ କରିଥିଲେ ଏବଂ କ୍ୟାମ୍ପସର ପରିବେଶକୁ ପ୍ରଶଂସା କରିଥିଲେ । ଛାତ୍ରଛାତ୍ରୀମାନଙ୍କ ସହ ମୁଖ୍ୟ ଶାସନ ସଚିବ ବାର୍ତ୍ତାଳାପ କରି ଶିକ୍ଷାର ସଦୁପଯୋଗ ପୂର୍ବକ ଭବିଷ୍ୟତରେ ଉତ୍କର୍ଷ ହାସଲ କରିବାକୁ ଚେଷ୍ଟା କରିବା ନିମନ୍ତେ ଆହ୍ୱାନ ଜଣାଇଥିଲେ । ଭୂତତ୍ୱ ବିଭାଗର ଛାତ୍ରଛାତ୍ରୀମାନଙ୍କ ସହ ବାର୍ତ୍ତାଳାପ ସମୟରେ କେନ୍ଦୁଝର ଜିଲ୍ଲାରେ ଭୂତତ୍ୱ ବିଜ୍ଞାନ ସଂପର୍କରେ ଜ୍ଞାନ ଆହରଣ ପାଇଁ ଭରପୁର ଉତ୍ସ ରହିଛି ବୋଲି କହିବା ସହିତ ଏହାର ସୁଯୋଗ ନେବାକୁ ଛାତ୍ରଛାତ୍ରୀମାନଙ୍କୁ ପରାମର୍ଶ ଦେଇଥିଲେ । ବିଶ୍ୱ ବିଦ୍ୟାଳୟର ସୁନାମ ବର୍ଦ୍ଧନ କରିବାକୁ ଛାତ୍ରଛାତ୍ରୀମାନେ ଅଙ୍ଗୀକାରବଦ୍ଧ ହେବାକୁ ପରାମର୍ଶ ଦେଇଥିଲେ । ଡି.ଏମ୍.ଏଫ୍. ଅନୁଦାନରେ ପୁରୁଣାବାଜାର ସ୍ଥିତ ନବୀକୃତ ଗୋପାଳଜୀଉ ପାଠାଗାରର ଉଦ୍‌ଘାଟନ କରି ଏହି ପାଠାଗାର କେନ୍ଦୁଝର ଜିଲ୍ଲାର ମହାନ୍ ସଂସ୍କୃତିର ଉଜ୍ଜ୍ୱଳ ସ୍ୱାକ୍ଷର ବହନ କରିଛି ବୋଲି ଉଲ୍ଲେଖ କରିଥିଲେ । ଏହାପରେ ସଦର ବ୍ଲକ୍ ଅନ୍ତର୍ଗତ ମୁକୁନା ଗ୍ରାମ ପରିଦର୍ଶନ କରି ସେଠାରେ କୃଷି ଉତ୍ପାଦନ ଗୋଷ୍ଠୀ (ଏ.ପି.ସି.) ଦ୍ୱାରା କରାଯାଇଥିବା ପରିବା ଚାଷ ବୁଲି ଦେଖିବା ସହିତ ମହିଳା ଚାଷୀମାନଙ୍କ ସହ ବାର୍ତାଳାପ କରିଥିଲେ ଏବଂ ସେମାନଙ୍କର ଉଦ୍ୟମକୁ ପ୍ରଶଂସା କରିଥିଲେ । ମହିଳା ଚାଷୀମାନେ ପାଉଥିବା ଲାଭ ସଂପର୍କରେ ଅବଗତ ହୋଇ ଆଗାମୀ ବର୍ଷମାନଙ୍କରେ ସେମାନେ କିପରି ଲାଭକୁ ବହୁଗୁଣିତ କରିପାରିବେ, ସେଥିପାଇଁ ସେମାନେ ଯୋଜନାବଦ୍ଧ ଭାବେ ପରିବା ଚାଷ କରିବା ପାଇଁ ପରାମର୍ଶ ଦେଇଥିଲେ । ପରିବା ଚାଷ ନିମନ୍ତେ ଆବଶ୍ୟକୀୟ ଚେକ୍ ଡ୍ୟାମ୍ ନିର୍ମାଣ ନିମନ୍ତେ ତୁରନ୍ତ ପଦକ୍ଷେପ ନେବାକୁ ମୁଖ୍ୟ ଶାସନ ସଚିବ ଜିଲ୍ଲାପାଳଙ୍କୁ କହିଥିଲେ । ୫ 'ଟି' ଉପକ୍ରମ ଅଧିନରେ ରୂପାନ୍ତରିତ ସତ୍ୟନାରାୟଣ ସରକାରୀ ଉଚ୍ଚ ବିଦ୍ୟାଳୟ ମୁକୁନା ପରିଦର୍ଶନ କରି ସେଠାରେ ସ୍ମାର୍ଟ ଶ୍ରେଣୀଗୃହ, ଆଇସିଟି ଲ୍ୟାବ୍, ବିଜ୍ଞାନାଗାର ଏବଂ ସ୍କୁଲ୍‌ର ପାରିପାର୍ଶ୍ୱିକ ପରିବେଶ ନିରୀକ୍ଷଣ କରିବା ସହ ଏଭଳି ବିକଶିତ ଭିତ୍ତିଭୂମି ଶିକ୍ଷାର ବିକାଶ ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ ବୋଲି କହିଥିଲେ । ସେଠାରେ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ସ୍କୁଲ୍ ପରିଚାଳନା କମିଟିର ସଦସ୍ୟମାନଙ୍କ ସହ ମଧ ମୁଖ୍ୟ ଶାସନ ସଚିବ ବାର୍ତ୍ତାଳାପ କରିଥିଲେ । ଏହାପରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଧରଣୀଧର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ପରିଦର୍ଶନ କରିଥିଲେ । ପାୱାର ପଏଣ୍ଟ ଉପସ୍ଥାପନା ମାଧ୍ୟମରେ ଧରଣୀଧର ମେଡିକାଲ୍ କଲେଜ୍ ଓ ହସ୍ପିଟାଲ୍ ସଂପର୍କରେ ତଥ୍ୟ ଓ ଚିତ୍ର ମୁଖ୍ୟ ଶାସନ ସଚିବଙ୍କୁ ଅବଗତ କରାଯାଇଥିଲା । ସେଠାରେ ବିଭିନ୍ନ ବିଭାଗ, ପ୍ରାକ୍ଟିକାଲ୍ ଗୃହ, ପାଠାଗାର ପରିଦର୍ଶନ କରିବା ସହିତ ପରିସରର ସେ ପ୍ରଶଂସା କରିଥିଲେ ଏବଂ ସ୍ମୃତିସ୍ୱରୂପ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଗୋଟିଏ ଲେଖାଏଁ ବୃକ୍ଷଚାରା ରୋପଣ କରିବାକୁ କହିଥିଲେ । ଏହାପରେ ତୁଳସୀପୁର ଗ୍ରାମ ପରିଦର୍ଶନରେ ଯାଇ ମୁଖ୍ୟ ଶାସନ ସଚିବ କ୍ରେଚ୍ ପରିଦର୍ଶନ କରି କର୍ମଜୀବୀ ଦମ୍ପତିମାନଙ୍କର ପିଲାମାନଙ୍କୁ କିପରି ଯତ୍ନ ନିଆଯାଉଛି ସେ ସଂପର୍କରେ ଅନୁଧ୍ୟାନ କରିଥିଲେ । ଶିଶୁମାନଙ୍କର ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ଘରେ କିପରି ଶିଶୁମାନଙ୍କର ଯତ୍ନ ନିଆଯିବ ଏବଂ ପୁଷ୍ଟିଯୁକ୍ତ ଖାଦ୍ୟ ଦିଆଯିବ ସେ ସଂପର୍କରେ ପିତାମାତାମାନଙ୍କୁ ସଚେତନ କରାଇବା ଦିଗରେ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ । ଏହାପରେ ଧରଣୀଧର ବିଶ୍ୱ ବିଦ୍ୟାଳୟ (ଧରଣୀଧର ସ୍ୱୟଂ ଶାସିତ ମହାବିଦ୍ୟାଳୟ) ପରିଦର୍ଶନ କରି ସେଠାରେ ଛାତ୍ରଛାତ୍ରୀ, ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଏବଂ ଆଲୁମିନିଙ୍କ ସହ ବାର୍ତ୍ତାଳାପ କରିଥିଲେ । ଧରଣୀଧର ବିଶ୍ୱ ବିଦ୍ୟାଳୟର ସୁପରିଚାଳନା, କିପରି ଏହାକୁ ଏକ ମର୍ଯ୍ୟାଦା ସମ୍ପନ୍ନ ବିଶ୍ୱବିଦ୍ୟାଳୟରେ ପରିଣତ କରାଯିବ ଏବଂ ଗବେଷଣାକୁ ଗୁରୁତ୍ୱ ଦିଆଯିବ ସେ ସଂପର୍କରେ ବାର୍ତ୍ତାଳାପ କରିଥିଲେ । ଏହାପରେ ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟ ପରିଦର୍ଶନ କରି ଅଧ୍ୟକ୍ଷ ଓ ପ୍ରାଧ୍ୟାପକ ଏବଂ ଛାତ୍ରଛାତ୍ରୀମାନଙ୍କ ସହ ବାର୍ତ୍ତାଳାପ କରିଥିଲେ ଏବଂ କ୍ୟାମ୍ପସ୍ ଜରିଆରେ ନିଯୁକ୍ତି ପାଇଥିବା ଛାତ୍ରଛାତ୍ରୀମାନଙ୍କ ପାଇଁ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଅଭିନନ୍ଦନ ଜଣାଇଥିଲେ । ଓଡିଶା ଖଣି ଓ ଯାନ୍ତ୍ରିକ ବିଦ୍ୟାଳୟର ବିଭିନ୍ନ ସମସ୍ୟାର ସମାଧାନ ଓ ଆବଶ୍ୟକତା ପୁରଣ ସଂପର୍କରେ ଅଧ୍ୟକ୍ଷ, ମୁଖ୍ୟ ଶାସନ ସଚିବ ଏବଂ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଜିଲ୍ଲାପାଳ ଆଶିଷ ଠାକରେ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବିଷ୍ଣୁ ପ୍ରସାଦ ଆଚାର୍ଯ୍ୟ, ଜିଲ୍ଲା ସହରାଂଚଳ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଘାସିରାମ ମୁର୍ମୁ, କେନ୍ଦୁଝର ଉପଜିଲ୍ଲାପାଳ ରାମଚନ୍ଦ୍ର କିସ୍କୁ, ଆଇ.ଏ.ଏସ୍. ପ୍ରୋବେସନର ଧିମେନ୍ ଚକ୍‌ମା, କେନ୍ଦୁଝରଗଡ଼ ପୌରପାଳିକା ନିର୍ବାହୀ ଅଧିକାରୀ ମଧୁସ୍ମିତା ସାମନ୍ତରାୟଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ମୁଖ୍ୟ ଶାସନ ସଚିବଙ୍କ କ୍ଷେତ୍ର ପରିଦର୍ଶନ ସମୟରେ ଉପସ୍ଥିତ ଥିଲେ । ଏହାପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ମିନି କନ୍‌ଫରେନ୍ସ ହଲ୍‌ଠାରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ଓ ପ୍ରକଳ୍ପର ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ଉକ୍ତ ସମୀକ୍ଷା ବୈଠକରେ କାନ୍‌ପୁର ଜଳସେଚନ ପ୍ରକଳ୍ପର ଶେଷ ପର୍ଯ୍ୟାୟ ନିର୍ମାଣ କାର୍ଯ୍ୟ କିପରି ତୁରନ୍ତ ଶେଷ ହେବ, ସେ ସଂପର୍କରେ ସମୀକ୍ଷା କରିବା ସହିତ ସମନ୍ୱିତ ଆନନ୍ଦପୁର ବ୍ୟାରେଜ୍ ପ୍ରୋଜେକ୍ଟ, ବୃହତ୍ ଉଠାଜଳସେଚନ ପ୍ରକଳ୍ପ, ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗର କାର୍ଯ୍ୟକ୍ରମ, ପାନୀୟଜଳ ପ୍ରକଳ୍ପ, ୱାଟ୍‌କୋ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟକ୍ରମ ଅର୍ନ୍ତଗତ ବିଭିନ୍ନ ପ୍ରକଳ୍ପର ସ୍ଥିତି ଓ ଅଗ୍ରଗତି ସଂପର୍କରେ ସମୀକ୍ଷା କରିଥିଲେ । ଏତଦ୍‌ବ୍ୟତୀତ ଡି.ଏମ୍.ଏଫ୍. ଓ ଓମ୍ବାଡିସି ଅନୁଦାନରେ ହାତକୁ ନିଆଯାଇଥିବା ବିଭିନ୍ନ ପ୍ରକଳ୍ପ ଓ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ସମୀକ୍ଷା କରିଥିଲେ । ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ବିଭିନ୍ନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ବିହିତ ପଦକ୍ଷେପ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ । ଉକ୍ତ ସମୀକ୍ଷା ବୈଠକରେ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ଉନ୍ନୟନ, ଶକ୍ତି, ସୂଚନା ଓ ଲୋକ ସଂପର୍କ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୀୟ କୁମାର ସିଂହ, ଜିଲ୍ଲାପାଳ ଆଶିଷ ଠାକରେ, ଡି.ଏଫ୍.ଓ. ଧନରାଜ ଏଚ୍.ଡି., ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଆଚାର୍ଯ୍ୟଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇଥିଲେ । ସମୀକ୍ଷା ବୈଠକ ପରେ ମୁଖ୍ୟ ଶାସନ ସଚିବ ଶ୍ରୀ ଜେନା ଆନନ୍ଦପୁର ଉପଖଣ୍ଡ ବୀରଗୋବିନ୍ଦପୁର ଗ୍ରାମ ପରିଦର୍ଶନ କରି ସେଠାରେ ଗ୍ରାମ୍ୟ ପାଇପ୍ ଜଳଯୋଗାଣ ପ୍ରକଳ୍ପର ମୁଖ୍ୟାଳୟ ପରିଦର୍ଶନ କରିଥିଲେ ଏବଂ ପ୍ରକଳ୍ପର ଅଗ୍ରଗତି ତଦାରଖ କରି ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସଂପୃକ୍ତ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

## ବଡମ୍ବା ସମବାୟ ଚିନି କଳ ସଂପର୍କରେ ଉଚ୍ଚସ୍ତରୀୟ ବୈଠକ



**ଭୁବନେଶ୍ୱର:** ବଡମ୍ବା ଚିନି କଳ ସଂପର୍କରେ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ଲୋକସେବା ଭବନରେ ଆୟୋଜିତ ଉକ୍ତ ବୈଠକରେ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ର , ସମବାୟ ବିଭାଗ ପ୍ରମୁଖ ସଚିବ ସଞ୍ଜୀବ କୁମାର ଚଢା, ସମବାୟ ନିବନ୍ଧକ ଉଦ୍ଧବ ଚରଣ ମାଝୀ , କଟକ ଜିଲ୍ଲାପରିଷଦ ସି.ଇ.ଓ ଅମ୍ବର କୁମାର କର, ସମବାୟ ବିଭାଗ ଅର୍ଥ ପରାମର୍ଶଦାତା , ବଡମ୍ବା ତହସିଲ୍‌ଦାର ଏବଂ ୟୁନିୟନ ବ୍ୟାଙ୍କ ଅଧିକାରୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପଦାଧିକାରୀମାନେ ଉପସ୍ଥିତ ଥିଲେ ।ବୈଠକ ବିବରଣୀରୁ ପ୍ରକାଶ ଯେ ଗତ୬.୪.୧୯୮୯ ମସିହାରେ ଦୈନିକ ୧୨୫୦ ଟନ ପେଷିବା କ୍ଷମତା ଥାଇ ପ୍ରତିଷ୍ଠା ହୋଇଥିବା ଏହି କଳ ୧୭.୦୧.୧୯୯୦ ମସିହାରେ ଉତ୍ପାଦନ ଆରମ୍ଭ ହୋଇଥିଲା । ତେବେ ବିଭିନ୍ନ କାରଣ ଓ ସମସ୍ୟା ଯୋଗୁଁ ଦୀର୍ଘ ଦିନ ଧରି ଏହା ଅଚଳ ହୋଇ ପଡିଛି । ସେହି ସବୁ କାରଣ ଓ କଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଆଦି ସଂପର୍କରେ ବିସ୍ତୃତ ଆଲୋଚନା କରାଯାଥିଲା । ତେବେ ଖୁବ୍ ଶୀଘ୍ର ଏ ନେଇ ଆଉ ଏକ ବୈଠକ ଅନୁଷ୍ଠିତ ହେବ ବୋଲି ନିଷ୍ପତି ହୋଇଛି ।

## ସମ୍ବଲପୁରରେ ବିଜେପି ପୁଣିଥରେ ଅରାଜକତା ସୃଷ୍ଟି ପାଇଁ ଉଦ୍ୟମ କରୁଛି: ବିଜେଡି

**ଭୁବନେଶ୍ୱର:** ଓଡ଼ିଶାବାସୀଙ୍କୁ ଅରାଜକ କହି ବାରମ୍ବାର ଅପମାନିତ କରୁଥିବା ବିଜେପି ଏବେ ପୁଣିଥରେ ସମ୍ବଲପୁରରେ ହିଂସା ଓ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛି ବୋଲି ବିଜୁ ଜନତା ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ।ବିଜେଡି ମୁଖପାତ୍ର ସଞ୍ଜୟ ବାବୁ ମଙ୍ଗଳବାର ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଯେତେବେଳେ ସମ୍ବଲପୁରରେ ଏକ ସ୍ପର୍ଶକାତର ଘଟଣା ଘଟିଛି ଏବଂ ଧୀରେ ଧୀରେ ଶାନ୍ତି ଫେରିଆସୁଛି, ସେତିକିବେଳେ ବିଜେପି ନେତାମାନେ ସମ୍ବଲପୁରରେ ପଶି ଶାନ୍ତି ଭଙ୍ଗ କରିବାକୁ ଚେଷ୍ଟା କରୁଛନ୍ତି । ବିଜେପି ଶାସିତ ଉତରପ୍ରଦେଶ ଏବଂ ଅନ୍ୟାନ୍ୟ ରାଜ୍ୟରେ ଏଭଳି ସ୍ପର୍ଶକାତର ଘଟଣା ଘଟିଲେ, ସରକାର କୌଣସି ରାଜନୈତିକ ଦଳର ପ୍ରତିନିଧି ଦଳକୁ ସେଠାକୁ ଯିବାକୁ ଅନୁମତି ଦିଅନ୍ତି ନାହିଁ । ଯେତେବେଳେ ଉତରପ୍ରଦେଶର ହାଥରସ୍, ଲଖିମପୁର ଖେରିରେ ସ୍ପର୍ଶକାତର ଘଟଣା ଘଟିଥିଲା, ବିଜେପି ସରକାର ସେଠାକୁ କୌଣସି ଦଳର ଲୋକଙ୍କୁ ଛାଡ଼ି ନଥିଲା । ନିଜ ଶାସିତ ରାଜ୍ୟରେ ବିଜେପି ଗୋଟିଏ ନୀତି ଆପଣାଉଥିବାବେଳେ ଓଡ଼ିଶାର ବିଜେପି ନେତାମାନେ ଏଠି ନିଜ ପାଇଁ ଭିନ୍ନ ନୀତି ଆପଣାଉଛନ୍ତି । ଏଥିରୁ ସ୍ପଷ୍ଟ ଜଣାପଡୁଛି ଯେ ସେମାନେ କେବଳ ରାଜନୈତିକ ଫାଇଦା ଉଦ୍ଦେଶ୍ୟରେ ସମ୍ବଲପୁର ଯାଇ ପୁନର୍ବାର ହିଂସାକୁ ଉସୁକାଇବାକୁ ଚେଷ୍ଟା କରୁଛନ୍ତି ।

## ଭୁବନେଶ୍ୱରରେ ଆଇଆଇଟିର ୫୫ତମ କାଉନସିଲ ବୈଠକ

# ଆଇଆଇଟି ହେଉ ଗରିବ କଲ୍ୟାଣର ପ୍ରୟୋଗଶାଳା: ଧର୍ମେନ୍ଦ୍ର ପ୍ରଧାନ




**ଭୁବନେଶ୍ୱର:** କେନ୍ଦ୍ର ଶିକ୍ଷା, ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଆଇଆଇଟି ଭୁବନେଶ୍ୱର ଠାରେ ଇଣ୍ଡିଆନ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଆଇଆଇଟି)ର ୫୫ତମ କାଉନସିଲ ବୈଠକ ଅନୁଷ୍ଠାନର ନିର୍ଦ୍ଦେଶକ ଓ ଚେୟାରମ୍ୟାନଙ୍କ ସହ ଅନୁଷ୍ଠିତ ହୋଇଯାଇଛି । ଏ ସମ୍ପର୍କରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନ, ଦୂରଦୃଷ୍ଟି ଏବଂ ଜାତୀୟ ଶିକ୍ଷା ନୀତି ଅଧାରରେ ଆଇଆଇଟିକୁ ବିଶ୍ୱମାନର ଗବେଷଣା, ନବସୃଜନ ଏବଂ ଉଦ୍ୟମୀ ବିଶ୍ୱବିଦ୍ୟାଳୟରେ ପରିବର୍ତ୍ତନ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ । ଦେଶର ପ୍ରମୁଖ ବୈଷୟିକ ଅନୁଷ୍ଠାନ ମଧ୍ୟରୁ ଅନ୍ୟତମ ଆଇଆଇଟି ଗୁଡିକ ବିଶ୍ୱରେ ଭାରତର ବ୍ରାଣ୍ଡକୁ ମଜବୁତ୍ କରିବା ସହ ବିଶ୍ୱ କଲ୍ୟାଣ ପାଇଁ ସମାଧାନର ରାସ୍ତା ବାହାର କରୁଛି । ଦେଶର ଆଇଆଇଟିକୁ ଗରିବ କଲ୍ୟାଣର ପ୍ରୟୋଗଶାଳା କରିବା ପାଇଁ ଉଦ୍ୟମ ହେଉଛି । ଆମର ଆଇଆଇଟି ବିକଶିତ ଓ ଆତ୍ମନିର୍ଭର ଭାରତର ପଥପ୍ରଦର୍ଶକ ହେବ ବୋଲି କେନ୍ଦ୍ରମନ୍ତ୍ରୀ କହିଛନ୍ତି ।

ଦେଶ ନୁହେଁ ବିଶ୍ୱର ଅର୍ଥନୀତି, ଜିଡିପିରେ ଆଇଆଇଟିର ବଡ଼ ଯୋଗଦାନ ରହିଛି । ଦେଶର ନୂଆପିଢିଙ୍କୁ ରୋଜଗାର ଦେବାରେ ଆଇଆଇଟି ମୁଖ୍ୟ ଭୂମିକା ଗ୍ରହଣ କରିଛି । ଏହି ମର୍ମରେ ସେମାନଙ୍କୁ ନିଯୁକ୍ତିଦାତା ବନାଇବା ଦିଗରେ ମଧ ପ୍ରାଧାନ୍ୟ ଦିଆଯାଉଛି । ସେହିପରି ଛାତ୍ରଛାତ୍ରୀଙ୍କ ମାନସିକ ସ୍ୱାସ୍ଥ୍ୟ ଓ ଆରୋଗ୍ୟ ଉପରେ ଗୁରୁତ୍ୱାରୋପ କରିବା ସହ ଶ୍ରୀ ପ୍ରଧାନ ଗୁଣାତ୍ମକ ଶିକ୍ଷକ ପ୍ରସ୍ତୁତ କରିବା ପାଇଁ 'ଇଣ୍ଟିଗ୍ରେଟେଡ୍ ଟିଚର ଏଜୁକେସନ ପ୍ରୋଗ୍ରାମ' ଆରମ୍ଭ କରିବା ପାଇଁ ଆଇଆଇଟିକୁ ପରାମର୍ଶ ଦେଇଛନ୍ତି ।

ଏହି ବୈଠକରେ ସାଂସଦ ବିପ୍ଳବ କୁମାର ଦେବ, କୁଆଁର ହେମବ୍ରମ, ଏନଇଟିଏଫର ଚେୟାରମ୍ୟାନ ପ୍ରଫେସର ଅନିଲ ସହସ୍ରବୁଦ୍ଧେ, ୟୁଜିସି ଚେୟାରମ୍ୟାନ ଏମ୍ ଜଗିଦେଶ କୁମାର, ଏଆଇସିଟିଇର ନିର୍ଦ୍ଦେଶକ, ସିଏସଆଇଆର, ଇଣ୍ଡିଆର ନିର୍ଦ୍ଦେଶକ, ଆଇଆଇଏସ, ବାଙ୍ଗାଲୋରର ନିର୍ଦ୍ଦେଶକ ଏବଂ ଦେଶର ୨୩ଟି ଆଇଆଇଟିର ଚେୟାରମ୍ୟାନ ଓ ନିର୍ଦ୍ଦେଶକ ଏବଂ ଶିକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ପ୍ରମୁଖ ଯୋଗଦେଇଥିଲେ ।

# ଛାତ୍ର କଂଗ୍ରେସର ମଶାଲ ଶୋଭାଯାତ୍ରା

**ଭୁବନେଶ୍ୱର:** ବିପଦଗ୍ରସ୍ତ ଗଣତନ୍ତ୍ରକୁ ବଂଚାଇବା ପାଇଁ ଏବଂ ଦେଶ ରକ୍ଷା ଉଦ୍ଦେଶ୍ୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ଆବାହକତ୍ୱରେ ମଙ୍ଗଳବାର ଛାତ୍ର କଂଗ୍ରେସ ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା କଂଗ୍ରେସ ଭବନରୁ ବାହାରି ରାମ ମନ୍ଦିର ଛକ ପର୍ଯ୍ୟନ୍ତ ଯାଇଥିଲା । ଏହି ଶୋଭାଯାତ୍ରା ପୁନଶ୍ଚ ରାମ ମନ୍ଦିର ଛକରୁ ମାଷ୍ଟରକ୍ୟାଂଟିନ ଛକ ପର୍ଯ୍ୟନ୍ତ ଆସିଥିଲା । ପାଇଁ ଏହି ମଶାଲ ଶୋଭଯାତ୍ରା ଉଦ୍ଦିଷ୍ଟ ।

ଆଜିର କାର୍ଯ୍ୟକ୍ରମରେ ଛାତ୍ର କଂଗ୍ରେସର ରାଷ୍ଟ୍ରୀୟ ସଭାପତି ନିରଜ କୁଞ୍ଜନ ଯୋଗ ଦେଇ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କ୍ଷମତାର ନିଶାରେ ଧରାକୁ ସରା ମନେ କରୁଛନ୍ତି । ଦେଶର ଗଣତନ୍ତ୍ର ଓ ସମ୍ବିଧାନ ଆଜି ସଙ୍କଟାପର୍ଣ୍ଣ । ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ମୋଦୀଙ୍କର କରାୟତ । ମୋଦୀଙ୍କର ଇଙ୍ଗିତରେ ସେମାନେ କଣ୍ଢେଇ ଭଳି ନାଚୁଛନ୍ତି । ସାମ୍ବିଧାନିକ ଅନୁଷ୍ଠାନ ଗୁଡ଼ିକ ନିରପେକ୍ଷତା ଆଉ ନାହିଁ । ଦେଶରେ ଗଣତନ୍ତ୍ର ବଦଳରେ ମୋଦୀ ତନ୍ତ୍ର ଚାଲିଛି । ମୋଦୀଙ୍କର ଦୁର୍ନୀତି ଓ ଭ୍ରଷ୍ଟାଚାର ବିରୋଧିରେ ଯିଏ ପ୍ରଶ୍ନ କଲା ତାଙ୍କ ବିରୋଧରେ ଇ.ଡ଼ି ଓ ସି.ବି.ଆଇକୁ ଲଗାଇ ଦିଆଯାଉଛି । ଇ.ଡ଼ି ଆଉ ସି.ବି.ଆଇ ଏବେ ମୋଦୀଙ୍କର ହାତ ବାରିସୀ । ମୋଦୀ–ଆଦାନୀ ମଧୁଚନ୍ଦ୍ରୀକା ସଂପର୍କରେ ରାହୁଲ ଗାନ୍ଧୀ ପ୍ରଶ୍ନ କରିବାରୁ ଏବଂ ବିଶେଷ କରି ଦେଶରୁ ବ୍ୟାଙ୍କକୁ ଲୁଟ୍ କରି ଦେଶ ଛାଡ଼ି ପଳେଇଥିବା କେତେକ ମୋଦୀ ସାଙ୍ଗିଆର ବ୍ୟକ୍ତିଙ୍କ ବିରୋଧରେ ବିଶୋଦଗାର କରିବାରୁ ନରେନ୍ଦ୍ର ମୋଦୀଙ୍କ ଚକ୍ରାନ୍ତରେ ରାହୁଲ ଗାନ୍ଧୀଙ୍କ ଲୋକସଭା ସଭ୍ୟପଦ ରଦ୍ଦ ଏବଂ ଜେଲ୍ ଦଣ୍ଡ ବ୍ୟବସ୍ଥା କରିଦିଆଗଲା ।

ଛାତ୍ର କଂଗ୍ରେସର ସଭାପତି କହିଥିଲେ ଯେ, ମୋଦୀ ଓ ନବୀନ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ । ଉଭୟ ମୋଦୀ ଓ ନବୀନ ଛାତ୍ର ସ୍ୱାର୍ଥ ବିରୋଧି ।ଛାତ୍ର ବିଜେଡ଼ିର କ୍ୟାମ୍ପସ କର୍ମକର୍ତାମାନେ କ୍ୟାମ୍ପସରେ ର୍ୟାଗିଙ୍ଗ୍ କରୁଛନ୍ତି । କ୍ୟାମ୍ପସରେ ଛାତ୍ରୀ ଅସୁରକ୍ଷିତ । ଓଡ଼ିଶାର ଶିକ୍ଷା ବ୍ୟବସ୍ଥା ଭୁଷୁଡ଼ି ପଡ଼ିଛି । ୪୫ ଭାଗ ସରକାରୀ କଲେଜରେ ଶିକ୍ଷାଦାନ ଦେଉଥିବା କର୍ମଚାରୀ ପଦଖାଲି । ଅନ୍ୟପକ୍ଷରେ କଲେଜ, ସ୍ୱୟସାସିତ କଲେଜ ଓ ୟୁନିଭରସିଟିମାନରେ ଯେଉଁ ଭିତିଭୂମି ନିର୍ମାଣ ହେଉଛି ତାହା ନିର୍ମାଣ ଦୁଇ ମାସ ଭିତରେ ଭୁଷୁଡ଼ି ପଡୁଛି । ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟର ପାଚେରୀ, ବାଙ୍କି ସ୍ୱୟଂଶାସିତ କଲେଜ ପଡ଼ିଆର ଦର୍ଶକ ଗ୍ୟାଲେରୀ ନିର୍ମାଣ ହେବାର କିଛି ଦିନ ପରେ ଭୁଷୁଡ଼ି ପଡ଼ିବା ଘଟଣା ଏ ରାଜ୍ୟରେ ସରକାର କିଭଳି ଭାବରେ ଶିକ୍ଷାନୁଷ୍ଠାନମାନଙ୍କରେ ନିର୍ମାଣ କାର୍ଯ୍ୟ କରୁଛନ୍ତି ଏବଂ ଏଥିରେ କେତେ ଦୃର୍ନୀତି ହେଉଛି ତାହା ଏଠାରେ ସ୍ପଷ୍ଟ ହୋଇଯାଉଛି । ଏହି କାର୍ଯ୍ୟକ୍ରମରେ ନିରଞ୍ଜନ ପଟ୍ଟନାୟକ, ତାରା ପ୍ରସାଦ ବାହିନୀପତି, ସୁରେଶ କୁମାର ରାଉତରାୟ, ମାନସ ଚୌଧୁରୀ, ନବଜ୍ୟୋତି ପଟ୍ଟନାୟକ, ଶିବାନନ୍ଦ ରାୟ, ରଜତ ଚୌଧୁରୀ, ବିଶ୍ୱଜିତ ପଟ୍ଟନାୟକ, ପ୍ରକାଶ ମିଶ୍ର, ଜାନକୀବଲ୍ଲଭ ପଟ୍ଟନାୟକ, ମନୋରଞ୍ଜନ ଦାସ, ରଜନୀ ମହାନ୍ତି, ସୁବ୍ରତ ମହାପାତ୍ର, ନଳୀନକାନ୍ତ ନାୟକ, ନିଆଜୁଲ୍ ଇସ୍‌ଲାମ୍, ଦୀପକ ପହାପାତ୍ର, ଆଲୋକ ଲେଙ୍କା, ନିହାର ବେହେରା, ଶିଳ୍ପଶ୍ରୀ ହରିଚନ୍ଦନ, ମୁନୁ ପରିଡ଼ା, ଜଗଦିଶ ଗଜେନ୍ଦ୍ର, ପ୍ରଦୀପ ମହାପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ଶ୍ରେଷ୍ଠ ସ୍କାଉଟ କ୍ୟାମ୍ପ ପାଇଁ କଟକ ଜିଲ୍ଲାକୁ ରାଜ୍ୟ ପୁରସ୍କାର

**କଟକ:** ଭାରତ ସ୍କାଉଟ ଓ ଗାଇଡ ଦ୍ୱାରା ଆୟୋଜିତ ରାଜ୍ୟ ପୁରସ୍କାର ଉତ୍ସବରେ ଚଳିତ ବର୍ଷର ଶ୍ରେଷ୍ଠ ସ୍କାଉଟ କ୍ୟାମ୍ପୋରୀ ପାଇଁ କଟକ ଜିଲ୍ଲାକୁ ରାଜ୍ୟ ପୁରସ୍କାର ପ୍ରଦାନ କରାଯାଇଛି । ରାଜଭବନ ଠାରେ ଆୟୋଜିତ ଏହି ବର୍ଣାଢ୍ୟ ଉତ୍ସବରେ ମୁଖ୍ୟ ଅତିଥି ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଚଳିତ ୨୦୨୩ ବର୍ଷରେ ଶ୍ରେଷ୍ଠ କ୍ୟାମ୍ପୋରୀ ଆୟୋଜନ ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ ତଥା ଜିଲ୍ଲା ମୂଖ୍ୟ କମିଶନର କୃଷ୍ଣଚନ୍ଦ୍ର ନାୟକଙ୍କୁ ସମ୍ମାନଫଳକ ଓ ପ୍ରଶଂସାପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ସଫଳ ଓ ଶ୍ରେଷ୍ଠ ଆୟୋଜନ ନିମିତ୍ତ ଜିଲ୍ଲା ସମ୍ପାଦିକା ସୌଦାମିନୀ ଦାସ ଓ ଖାନନଗର ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀ ଅକ୍ଷୟ କୁମାର ଷଡ଼ଙ୍ଗୀଙ୍କୁ ମହାମହିମ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ । ଜିଲ୍ଲା ସମ୍ପାଦିକା ତଥା ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ସୌଦାମିନୀ ଦାସଙ୍କୁ ତାଙ୍କର ଅବଦାନ ପାଇଁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା ।ଉକ୍ତ ରାଜ୍ୟ ପୁରସ୍କାର ଉତ୍ସବରେ ବିଶିଷ୍ଟ ଅତିଥି ଭାବେ ମାନ୍ୟବର ମନ୍ତ୍ରୀ ଏବଂ ଭାରତ ସ୍କାଉଟ ଓ ଗାଇଡର ରାଜ୍ୟ ସଭାପତି ଅତନୁ ସବ୍ୟସାଚୀ ନାୟକ, ଉପ ସଭାପତି ମାନ୍ୟବର ମନ୍ତ୍ରୀଟୁକୁନୀ ସାହୁ, ଭାରତ ସ୍କାଉଟ ଓ ଗାଇଡର ରାଜ୍ୟ ମୂଖ୍ୟ କମିଶନର ଏବଂ ଜାତୀୟ ଉପାଧ୍ୟକ୍ଷ ଡ଼ କାଳୀପ୍ରସନ୍ନ ମିଶ୍ର, ରାଜ୍ୟ ଉପସଭାପତି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ମହିଳା କମିଶନର ଅଧ୍ୟକ୍ଷା ମିନତୀ ବେହେରା,ରାଜ୍ୟ ଗାଇଡ କମିଶନର ତଥା ପ୍ରଶାସନିକ ମୂଖ୍ୟ ଅନାମିକା ଦାଶ, ଉପସଭାପତିଟି. ପି. ଦୋରା ପ୍ରମୁଖ ଉପସ୍ଥିତ ରହି ସ୍କାଉଟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଭିନ୍ନ ଜିଲ୍ଲାର ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ-ଶିକ୍ଷୟିତ୍ରୀ, ସ୍କାଉଟ ମାଷ୍ଟର, ଗାଇଡ କ୍ୟାପଟେନ ଏବଂ କବ – ବୁଲବୁଲ, ସ୍କାଉଟ ଓ ଗାଇଡଙ୍କୁ ରାଜ୍ୟ ପୁରସ୍କାରରେ ପୁରସ୍କୃତ କରିଥିଲେ । ଜିଲ୍ଲାର ଏହି ପ୍ରଶଂସନୀୟ ସଫଳତା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ସହିତ ସମ୍ପୃକ୍ତ ସମସ୍ତ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସ୍କାଉଟ କମିଶନର, ଗାଇଡ କମିଶନର ଓ ଅନ୍ୟ ଜିଲ୍ଲାସ୍ତରୀୟ ସ୍କାଉଟ କର୍ମକର୍ତ୍ତା, ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ, ସ୍କାଉଟ ମାଷ୍ଟର ଓ ଗାଇଡ କ୍ୟାପଟେନ, ରୋଭର,ରେଞ୍ଜର ଓ କଣ୍ଟିଂଜେଣ୍ଟ ଲିଡର, ଭେନ୍ୟୁ ସ୍କୁଲ ଖାନନଗର ହାଇସ୍କୁଲର ପ୍ରଧାନ ଶିକ୍ଷକ, ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କୁ ଜିଲ୍ଲାର ସମସ୍ତ ବ୍ଲକ ଶିକ୍ଷା ଅଧିକାରୀ, ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ଓ ବିଭିନ୍ନ ଶିକ୍ଷାକମିଟିର କର୍ମକର୍ତ୍ତା ଅଭିନନ୍ଦନ ଓ ଶୁଭେଚ୍ଛା ଜ୍ଞାପନ କରିଛନ୍ତି ।




# ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟାର ମୁକାବିଲା ପାଇଁ ସରକାର ପ୍ରସ୍ତୁତ : ମନ୍ତ୍ରୀ

ଭୁବନେଶ୍ୱର, (ପିଏନ)- ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟାର ମୁକାବିଲା ପାଇଁ ମଇ ମାସ ୧ ତାରିଖରୁ ବିଭାଗ ଓ ଜିଲ୍ଲାମାନଙ୍କରେ ୨୪ ଘଂଟିଆ ନିୟନ୍ତ୍ରଣ କକ୍ଷ ଖୋଲିବ।ଏହି କଂଟ୍ରୋଲ୍ ରୁମ୍ ଦାୟିତ୍ୱରେ ଜଣେ ପ୍ରଥମ ଶ୍ରେଣୀ ଅଧିକାରୀ ରହିବେ। ସେହିପରି ଜୁନ୍ ୧୮ ଓ ୧୯ ତାରିଖରେ ସମସ୍ତ ଜିଲ୍ଲା ସଦର ମହକୁମା, ବନ୍ୟା/ ବାତ୍ୟା ଆଶ୍ରୟସ୍ଥଳୀ, ବ୍ଲକ ସ୍ତରରେ ଷଟବଲ ଟପ୍ ଏକ୍ସରସାଇଜ୍ ଓ ବାତ୍ୟା ମକ୍ ଡ୍ରିଲ୍ ଅନୁଷ୍ଠିତ ହେବ । ସମ୍ଭାବ୍ୟ ଗ୍ରୀଷ୍ମକାଳୀନ ବାତ୍ୟାର ମୁକାବିଲା ନେଇ ବୁଧବାର ଅନୁଷ୍ଠିତ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ପରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ଶ୍ରୀମତୀ ପ୍ରମିଳା ମଲ୍ଲିକ ଏହି ସୂଚନା ଦେଇଛନ୍ତି।

ସେ କହିଛନ୍ତି ୩୧୭ଟି ଫାୟାର ଷ୍ଟେସନରେ ଆବଶ୍ୟକୀୟ ସନ୍ଧାନ ଓ ଉଦ୍ଧାର ଉପକରଣ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ତାଲିମପ୍ରାପ୍ତ ଅଧିକାରୀମାନେ ଅବସ୍ଥାନ କରିଛନ୍ତି। ସେମାନେ ବାତ୍ୟା ପୂର୍ବରୁ ସମ୍ବେଦନଶୀଳ ସ୍ଥାନମାନଙ୍କରେ ଆଗୁଆ ନିୟୋଜିତ ହେବେ। ରାଜ୍ୟରେ ୩୪୨ ଆଂଚଳିକ ଅଗ୍ନିଶମସେବା ବାହିନୀ ଯେକୌଣସି ଆପଦକାଳୀନ ପରିସ୍ଥିତିର ମୁକାବିଲା କରିବା ପାଇଁ ପ୍ରସ୍ତୁତ ଅଛନ୍ତି। ଏନ୍‌ଡିଆରଏଫ୍ ତୃତୀୟ ବାଟାଲିୟନରେ ୧୭ଟି ଟିମ୍ ସନ୍ଧାନ ଏବଂ ଉଦ୍ଧାର କାର୍ଯ୍ୟ ପାଇଁ ପ୍ରସ୍ତୁତ ହୋଇ ରହିଛନ୍ତି । ୧୬ଟି ଟିମ ମୁଣ୍ଡଳୀଠାରେ ଏବଂ ଗୋଟିଏ ଟିମ ବାଲେଶ୍ୱର ଠାରେ ଅବସ୍ଥାପିତ ଅଛନ୍ତି।

୮୭୯ଟି ବହୁମୁଖୀ ବାତ୍ୟା / ବନ୍ୟା ଆଶ୍ରୟସ୍ଥଳୀ ସମ୍ଭାବ୍ୟ ବାତ୍ୟା ପୂର୍ବରୁ ସ୍ଥାନାନ୍ତରିତ ଲୋକମାନଙ୍କୁ ସୁରକ୍ଷିତ ରଖିବା ପାଇଁ ବ୍ୟବହାର କରାଯାଉଛି । ଏହି ଆଶ୍ରୟସ୍ଥଳୀଗୁଡିକରେ ଥିବା ବିଭିନ୍ନ ଆପଦକାଳୀନ ଉପକରଣ ଓ ଯନ୍ତ୍ରପାତି ଏବଂ ଲାଇଟ୍ ଓ ଜେନେରେଟରଗୁଡିକୁ ଯାଂଚ କରିବା ପାଇଁ ଓସ୍‌ଡମାକୁ ନିର୍ଦ୍ଦେଶ ଦିଆଯାଇଅଛି। ଆଶ୍ରୟସ୍ଥଳୀମାନଙ୍କରେ ଥିବା ଟାୱାର ଲାଇଟ୍ ର କାର୍ଯ୍ୟକ୍ଷମ ଉପରେ ଯାଂଚ କରି ସଚଳ ଟାୱାର ଲାଇଟ୍ ଗୁଡିକର ତାଲିକା ପ୍ରସ୍ତୁତ କରିବା ପାଇଁ ଓସ୍‌ଡମାକୁ ନିର୍ଦ୍ଦେଶ ଦିଆଯାଇଛ । ସେହିପରି ଆଶ୍ରୟସ୍ଥଳୀମାନଙ୍କରେ ଥିବା ଶକ୍ତିଚାଳିତ କରତ କାର୍ଯ୍ୟକାରିତା ଉପରେ ଯାଂଚ କରିବା ପାଇଁ ଓସ୍‌ଡମାକୁ ନିର୍ଦ୍ଦେଶ ଦିଆଯାଇଅଛି ।

ଜଳସମ୍ପଦ ବିଭାଗ ଠିକ୍ ସମୟରେ ବନ୍ୟାର ପୂର୍ବାନୁମାନ, ବିଭିନ୍ନ ନଦୀ ପ୍ରଣାଳୀର ଜଳସ୍ତର ଏବଂ ଜଳ ପ୍ରବାହ ଏବଂ ଜଳଭଣ୍ଡାରର ସୁପରିଚାଳନାକୁ ନିଶ୍ଚିତ କରିବେ। ରାଜ୍ୟ ଓ ଜିଲ୍ଲା ସ୍ତରରେ ପର୍ଯ୍ୟାପ୍ତ ପରିମାଣର ବ୍ଲିଚିଂ ପାଉଡର, କ୍ଲୋରିନ୍ ଟାବଲେଟ୍, ଚୂନ ପାଉଡର ଇତ୍ୟାଦି ମହଜୁଦ୍ ରଖିବେ। ପାଣି ଟ୍ୟାଙ୍କର ମାଧ୍ୟମରେ ମଧ୍ୟ ପାନୀୟ ଜଳ ପ୍ରଭାବିତ ଅଂଚଳକୁ ଯୋଗାଇ ଦିଆଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି । ଏହି ଅବସରରେ ଉପସ୍ଥିତ ରହି ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିଶନର ସତ୍ୟବ୍ରତ ସାହୁ କହିଲେ ଯେ ଗ୍ରାମ୍ୟ ଉନ୍ନୟନ ବିଭାଗ, ଗୃହ ଓ ନଗର ଉନ୍ନୟନ ବିଭାଗ, ପୂର୍ତ୍ତ ବିଭାଗ,



ପଂଚାୟତିରାଜ ଓ ପାନୀୟଜଳ ବିଭାଗ ସେମାନଙ୍କର ବିପର୍ଯ୍ୟୟ ପରିଚାଳନା ଯୋଜନାକୁ ନିଶ୍ଚିତ କରିବେ। ସମ୍ଭାବ୍ୟ ବାତ୍ୟା ପ୍ରଭାବିତ ଅଂଚଳରେ ବାତ୍ୟା ପରବର୍ତ୍ତୀ ସମୟରେ ରିଲିଫ୍ ଲାଇନ କ୍ଲିୟରାନ୍ସ ପାଇଁ ସମସ୍ତ ଆବଶ୍ୟକୀୟ ବ୍ୟବସ୍ଥା / କ୍ଷତିଗ୍ରସ୍ତ ରାସ୍ତାର ତୁରନ୍ତ ପୁନରୁଦ୍ଧାର ପାଇଁ ବ୍ୟବସ୍ଥା କରିବେ। ଜରୁରୀକାଳୀନ ଯନ୍ତ୍ରପାତିର ତାଲିକା ଆଗୁଆ ପ୍ରସ୍ତୁତ କରି ଜିଲ୍ଲା ମୁଖ୍ୟାଳୟରେ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ବନ୍ୟା ସମ୍ବନ୍ଧୀୟ ରୋଗ ପାଇଁ ଆବଶ୍ୟକୀୟ ଔଷଧ, ଜଳ ବିଶୋଧକ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସାପକାମୁଡା ଇଞ୍ଜେକ୍ସନ ମହଜୁଦ୍ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ବାତ୍ୟା ସତର୍କ ସୂଚନା ପାଇବା ପରେ ଗର୍ଭବତୀ ମହିଳାମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ /ସିଏଚସି /ପିଏଚସି / ମା' ଗୃହକୁ ଆଣିବା ପାଇଁ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ମହିଳା ଓ ଶିଶୁ ବିକାଶ ବିଭାଗ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି । ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ବାତ୍ୟା ସମୟରେ ଗୋଖାଦ୍ୟ ଯୋଗାଣକୁ ସୁନିଶ୍ଚିତ କରିବା ପାଇଁ ଆବଶ୍ୟକୀୟ ବ୍ୟବସ୍ଥା ଗ୍ରହଣ କରିବେ ।

ଶକ୍ତି ବିଭାଗ ବିଦ୍ୟୁତ ବିତରଣ କମ୍ପାନୀଗୁଡିକୁ ସେମାନଙ୍କର ବିପର୍ଯ୍ୟୟ ପରିଚାଳନା ଯୋଜନା ସମୀକ୍ଷା କରି କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେବେ । ବାତ୍ୟା ପ୍ରଭାବିତ ଅଞ୍ଚଳରେ ବିଦ୍ୟୁତ ଯୋଗାଣର ଶୀଘ୍ର ପୁନରୁଦ୍ଧାର ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବେ । ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ବର୍ଷା ଋତୁ ପୂର୍ବରୁ ଦୁର୍ଗମ ଓ ଅପହଂଚ ଅଂଚଳରେ ଆଗୁଆ ଖାଦ୍ୟ ସାମଗ୍ରୀ ଏବଂ ଚଡଗ ଦ୍ରବ୍ୟ ମହଜୁଦ୍ ରଖିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ବିଭିନ୍ନ ବିଭାଗମାନେ ସେମାନଙ୍କର ନୋଡାଲ ଅଫିସରମାନଙ୍କର ମୋବାଇଲ୍ ନମ୍ବର, ହ୍ୱାଟ୍ସଆପ୍ ନମ୍ବର ଓ ଟେଲିଫୋନ୍ ନମ୍ବର ସ୍ୱତନ୍ତ୍ର ରିଲିଫ୍ କମିଶନରଙ୍କ କାର୍ଯ୍ୟାଳୟକୁ ଏପ୍ରିଲ୍ ମାସ ୩୦ ତାରିଖ ସୁଦ୍ଧା ଦେବା ପାଇଁ ନିର୍ଦ୍ଦେଶ ଦିଆଯାଇଅଛି ।

ଏହି ଅବସରରେ ଅତିରିକ୍ତ ରିଲିଫ୍ କମିଶନର ଡ. ଜ୍ଞାନ ଦାସ କହିଲେ ଯେ ପାରାଦ୍ୱୀପ ଏବଂ ଗୋପାଳପୁରରେ ଡୋପଲର ରାଡାର କାର୍ଯ୍ୟ କରୁଛି ଯାହା ସାଇକ୍ଲୋନନ୍ ଟ୍ରାକିଂ ଏବଂ ପାଣିପାଗ ପୂର୍ବାନୁମାନ କରିବାରେ ସାହାଯ୍ୟ କରିବ। ଏହି ରାଡାରଗୁଡିକ ଟର୍ନାଡୋ / ବଜ୍ରପାତ / କୁଆପଥର ପୂର୍ବାନୁମାନ କରିବାରେ ମଧ୍ୟ ସାହାଯ୍ୟ କରେ ।

ସମ୍ଭାବ୍ୟ ବାତ୍ୟାପ୍ରବଣ ଅଂଚଳର ସମସ୍ତ ସେଲ ଫୋନ୍ ଗ୍ରାହକଙ୍କୁ ଭଏସ୍ ମେସେଜ୍ ସହିତ ଏସ୍‌ଏମ୍‌ଏସ୍ ମାଧ୍ୟମରେ ସାଇକ୍ଲୋନ୍ ଚେତାବନୀ ଏବଂ ଆଇଏମ୍‌ଡିର ଆଲର୍ଟ ମେସେଜ୍ ପଠାଇବାକୁ ବିଏସ୍‌ଏନ୍‌ଏଲ୍ କୁ ନିର୍ଦ୍ଦେଶ ଦିଆଯାଇଛି ।

ବାତ୍ୟା ସୂଚନା / ପାଣିପାଗ ପୂର୍ବାନୁମାନ ଏବଂ ଆନୁସଙ୍ଗିକ ସ୍ୱତନ୍ତ୍ର ବୁଲେଟିନ୍ ? ଅଲ ଇଣ୍ଡିଆ ରେଡିଓ, ଏଫଏମ ଚ୍ୟାନେଲ, ଦୂରଦର୍ଶନ, ସମସ୍ତ ଟିଭି ଚ୍ୟାନେଲ ଏବଂ ଲୋକାଲ କେବୁଲ ଚ୍ୟାନେଲ ଦ୍ୱାରା ପ୍ରସାରିତ କରିବା ପାଇଁ ଭାରତୀୟ ପାଣିପାଗ ବିଭାଗ ପଦକ୍ଷେପ ନେଇଛନ୍ତି ।

# ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ପକ୍ଷରୁ ଆକ୍ସିସ୍ ବ୍ୟବସାୟ ଚକ୍ର ପାଣ୍ଠିର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଦ୍ରୁତ ବିକଶିତ ଫଣ୍ଡ ହାଉସ ମଧ୍ୟରୁ ଅନ୍ୟତମ, ଆକ୍ସିସ୍ ମ୍ୟୁଚୁଆଲ ଫଣ୍ଡ ଏହାର ନୂଆ ଫଣ୍ଡ, ଆକ୍ସିସ ବିଜନେସ ସାଇକେଲ ଫଣ୍ଡ ବା ଆକ୍ସିସ ବ୍ୟବସାୟ ଚକ୍ର ପାଣ୍ଠିର ଶୁଭାରମ୍ଭ କରିଛି । ଏହା ବ୍ୟବସାୟ ଚକ୍ର ଆଧାରିତ ବିନିଯୋଗ ବିଷୟବସ୍ତୁ ଅନୁସରଣ କରୁଥିବା ଏକ ଅସୀମିତ ଲକ୍ଷ୍ୟ ଏକ୍ୱିଟି ଯୋଜନା ଅଟେ । ଏହି ନୂଆ ଫଣ୍ଡ ୨ ଫେବୃଆରୀ ୨୦୨୩ରେ ଆରମ୍ଭ ହୋଇ ଫେବୃଆରୀ ୧୬ରେ ବନ୍ଦ ହୋଇଯିବ। ଏହି ଯୋଜନା ଶ୍ରୀ ଆଶିଷ ନାୟକଙ୍କ ଦ୍ୱାରା ପରିଚାଳିତ ହେବ । ଏହି ନୂଆ ଫଣ୍ଡ ନିଫ୍ଟି ୫୦୦ ଟିଆରଆଇର ଟ୍ରାକ କରିବ ଏବଂ ଏଥପାଇଁ ସର୍ବନିମ୍ନ ବିନିଯୋଗ ରାଶି ୫୦୦୦ଟଙ୍କା ରହିବ ଏବଂ ତାପରେ ୧ଟଙ୍କାର ଗୁଣିତକ ହିସାବରେ ହେବ । ଏହି ନୂଆ ଫଣ୍ଡର ଶୁଭାରମ୍ଭ ସମ୍ପର୍କରେ ମତ ରଖି ଆକ୍ସିସ ଏଏମସିର ଏମଡି ତଥା ସିଇଓ ଶ୍ରୀ ଚନ୍ଦ୍ରେଶ ନିଗମ କହିଛନ୍ତି ଯେ, "ଯଦି ଜଣଙ୍କୁ ବ୍ୟବସାୟ ଚକ୍ର ଲେନ୍ସ ମାଧ୍ୟମରେ ଭାରତର ଅଭିବୃଦ୍ଧି ଆକଳନ କରିବାକୁ ହୁଏ, ତେବେ ଆମେ ସମ୍ପ୍ରସାରଣ ଏବଂ ଶିଖର ପର୍ଯ୍ୟାୟ ମଧ୍ୟରେ ଏକ ଆକର୍ଷଣୀୟ ସ୍ଥିତିରେ ଅଛୁ । ଭାରତରେ ବିନିଯୋଗ ଚକ୍ରକୁ ଉଠାଇବା ପାଇଁ ଏକାଧିକ ବାହକ ସନ୍ତୋଷଜନକ ସ୍ଥିତିରେ ଅଛନ୍ତି । ଆକ୍ସିସ ବ୍ୟବସାୟ ଚକ୍ରର ଅନନ୍ୟ ହାଇବ୍ରିଡ ବିନିଯୋଗ ଆଭିମୁଖ୍ୟ(ଟପ ଡାଉନ ଏବଂ ବଟମ ଅପର ସମିଶ୍ରଣ)ବିନିଯୋଗର ଗୁଣାତ୍ମକ ଶୈଳୀ ଅନୁସରଣ କରିଥାଏ ଏବଂ ନିବେଶକଙ୍କୁ କୌଣସି ବଜାର ପାଣ୍ଠି ପକ୍ଷପାତ ପ୍ରଦାନ କରେ ନାହିଁ । ଏକ ଶୃଙ୍ଖଳିତ ଢ଼ଙ୍ଗରେ ବଜାର ସୁଯୋଗର ବ୍ୟବହାର କରିବାରେ ବିଶ୍ୱାସ ରଖୁଥିବା ଏକ ଫଣ୍ଡ ହାଉସ ଭାବରେ ଆକ୍ସିସ ବ୍ୟବସାୟ ଚକ୍ର ପାଣ୍ଠି ଜଣେ ନିବେଶକଙ୍କ ପୋର୍ଟଫୋଲିଓରେ ଏକ ଉଲ୍ଲେଖନୀୟ ଯୋଗଦାନ ହେବ ବୋଲି ଆମେ ବିଶ୍ୱାସ କରୁଛୁ ।" ଏହି ପାଣ୍ଠିରେ ଏକ ଚକ୍ର-ଚାଳିତ ପୋର୍ଟଫୋଲିଓ ରହିବ । ସମ୍ପ୍ରସାରଣ ସମୟରେ ଆମେ କମ୍ପାନୀଗୁଡ଼ିକର ଏକ ଚକ୍ରବର୍ତ୍ତୀ କ୍ଷେତ୍ର- ଆଧାରିତ ପୋର୍ଟଫୋଲିଓ ନିର୍ମାଣ ଉପରେ ଧ୍ୟାନ ଦେବୁ, ଯାହା ଏକ ଆଗାମୀ ଅନୁକୂଳ ଚକ୍ରରୁ ଉପକୃତ ହେବ । ମାନ୍ଦା କିମ୍ବା ଅନିଶ୍ଚିତତା ସମୟରେ ଏହି ପୋର୍ଟଫୋଲିଓ ଚକ୍ରବର୍ତ୍ତୀ ବିଷୟବସ୍ତୁ କିମ୍ବା କମ୍ପାନୀଗୁଡ଼ିକୁ ପ୍ରତିହତ କରିବାକୁ ଛିଡ଼ା ହେବ, ଯାହାକି କଠିନ ସମୟକୁ ଯିବା ପାଇଁ ଏକ ଉତମ ସ୍ଥିତିରେ ରହିଥିବେ । ପୁଞ୍ଜି ବିନିଯୋଗର ବଟମ ଅପ୍ ଆଭିମୁଖ୍ୟ ବିପରୀତରେ ଏହି ପାଣ୍ଠି ବିନିଯୋଗ ପାଇଁ ଏକ ହାଇବ୍ରିଡ ଆଭିମୁଖ୍ୟ ନିୟୋଜିତ କରିବ । ଅଧିକନ୍ତୁ ବିନା ବଜାର ପକ୍ଷପାତିତାରେ ପାଣ୍ଠି ଏକ ଗତିଶୀଳ ଆଭିମୁଖ୍ୟ ଅନୁସରଣ କରିବ । ଏହାର ସେକ୍ଟରଗୁଡ଼ିକରେ ଅଧିକ ଓଜନ ଏବଂ କମ ଓଜନ ଦୃଷ୍ଟିରୁ ଅଧିକ ଆକ୍ରମଣାତ୍ମକ ହେବାର ନମନୀୟତା ରହିବ ।

# ଜାତୀୟ ସଫ୍ଟବଲ ଚ୍ୟାମ୍ପିୟାନସିପ ସଚେତନତା ଶୋଭାଯାତ୍ରା



ପୁରୀ,(ପିଏନ୍)-ପୁରୀ ତାଳବଣିଆ ସ୍ପୋର୍ଟସ କମ୍ପ୍ଲେକ୍ସ ଠାରେ ଆଜି ଠାରୁ ଆରମ୍ଭ ହୋଇଛି ୪୪ତମ ସିନିୟର ଜାତୀୟ ସଫ୍ଟବଲ ଚ୍ୟାମ୍ପିୟାନସିପ । ଏଥିରେ ଦେଶର ବିଭିନ୍ନ ରାଜ୍ୟରୁ ୨୬ ଟି ପୁରୁଷ ଓ ୨୪ ଟି ମହିଳା ଦଳ ଅଶଂଗ୍ରହଣ କରୁଛନ୍ତି ।ଏହି କ୍ରୀଡା ପାଇଁ ସଚେତନତା ସୃଷ୍ଟି ଉଦ୍ଦେଶ୍ୟ ରେ ଏକ ବିଶାଳ ଶୋଭାଯାତ୍ରା ଆଜି ସକାଳୁ ବଗଲା ଧର୍ମଶାଳା ନିକଟରୁ ବାହାରିଥିଲା ।ଏହି ଶୋଭାଯାତ୍ରା କୁ ପୁରୀ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଓ ସଫ୍ଟବଲ ଅଭ୍ୟର୍ଥନା କମିଟି ର ଅଧ୍ୟକ୍ଷ ଶୁଭାଶିଷ ଖୁଣ୍ଟିଆ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ ।ଅନ୍ୟ ମାନଙ୍କ ମଧ୍ୟରେ ଏଥିରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ, ରାଜ୍ୟ ସଫ୍ଟବଲ ସଂଘର ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ, ଯୁଗ୍ମ ସମ୍ପାଦକ ରାଜକିଶୋର ପଟ୍ଟନାୟକ, ସୌମିତ୍ର ହରିଚନ୍ଦନ ଓ ଅନ୍ୟାନ୍ୟ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।ଏଥିରେ ସମସ୍ତ ଅଶଂଗ୍ରହଣକାରୀ ଦଳ ମାନେ ଯୋଗ ଦେଇଥିଲେ।

# ଆସସ୍ ପକ୍ଷରୁ ଭୁବନେଶ୍ୱରରେ ସ୍ୱତନ୍ତ୍ର ଷ୍ଟୋର୍‌ର ଶୁଭାରମ୍ଭ

**ଭୁବନେଶ୍ୱର:** ସମଗ୍ର ଦେଶରେ ବ୍ରାଣ୍ଡର ରିଟେଲ ଉପସ୍ଥିତିକୁ ମଜବୁତ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୁପ ତାଇୱାନିଜ ଟେକ ଜିଆଂଟ, ଆସସ୍ ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରରେ ଏହାର ସ୍ୱତନ୍ତ୍ର ଷ୍ଟୋର୍‌ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି । ଏହି ନୂତନ ଷ୍ଟୋର ପ୍ରାୟ ୨୪୨ ବର୍ଗଫୁଟ ଅଂଚଳରେ ପରିବ୍ୟାପ୍ତ ରହିଛି । ଏହି ଷ୍ଟୋରରେ ବ୍ୟାପକ ରେଞ୍ଜର ଇଲେକ୍ଟ୍ରୋନିକ ଏବଂ କମ୍ପ୍ୟୁଟର ହାର୍ଡଓୟାର ସମେତ ଆସସ୍ ର ଫ୍ଲାଗସିପ ଉତ୍ପାଦ ଯଥା ଭିଭୋବୁକ, ଜେନବୁକ, ଜେନବୁକ-ଫ୍ଲିପ, ରିପବ୍ଲିକ ଅଫ ଗେମର୍ସ(ଆରଓଜି) ଲ୍ୟାପଟପ ଏବଂ ଆସେସୋରିଜ ଉପଲବ୍ଧ ରହିଛି । ସହିଦ ନଗରରେ ଏହା ବ୍ରାଣ୍ଡର ଷଷ୍ଠ ଏକ୍ସକ୍ଲୁସିଭ ଷ୍ଟୋର ଅଟେ । ଏହି ସମ୍ପ୍ରସାରଣ ସମ୍ପର୍କରେ ମତ ରଖି ଆସସ୍ ଇଣ୍ଡିଆର ସିଷ୍ଟମ ବିଜନେସ ଗ୍ରୁପ କଞ୍ଜ୍ୟୁମର ଏବଂ ଗେମିଙ୍ଗ ପିସି ବ୍ୟବସାୟ ମୁଖ୍ୟ ଶ୍ରୀ ଆର୍ନୋଲ୍ଡ ସୁ କହିଛନ୍ତିଯେ, "ଭାରତରେ ଆମର ରିଟେଲ ସମ୍ପ୍ରସାରଣର ଘୋଷଣା କରି ଆମେ ଆନନ୍ଦିତ । ଓଡ଼ିଶା ଆମ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ବଜାର ହୋଇଥବାରୁ ଭୁବନେଶ୍ୱରରେ ଏହି ନୂତନ ବ୍ରାଣ୍ଡ ଷ୍ଟୋର୍‌ର ଶୁଭାରମ୍ଭ ଦେଶର ବିଭିନ୍ନ ଅଂଚଳରେ ଥିବା ଉପଭୋକ୍ତାମାନଙ୍କୁ ସଶକ୍ତିକରଣ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ, ଯାହା ଆମର ନୂଆ ଉଦ୍ଭାବନଗୁଡ଼ିକର ଏକ ଅନନ୍ୟ ଅନୁଭୂତି ପ୍ରଦାନ କରିବ । ଏକ ରଣନୀତିକ ରିଟେଲ ସମ୍ପ୍ରସାରଣ ଆଭିମୁଖ୍ୟ ସହିତ ଆମେ ଆମର ବ୍ୟବହାରକାରୀଙ୍କ ପାଇଁ ଅଧିକ ପାରସ୍ପରିକ କ୍ରିୟା ଏବଂ ନୂଆ ଟଚପଏଂଟ ସୃଷ୍ଟି କରିବା ଜାରି ରଖିବୁ ।" ଉପଭୋକ୍ତାମାନଙ୍କୁ ଏକ ପ୍ରିମିୟମ ଅନୁଭୂତି ଏବଂ ସେବା ପ୍ରଦାନ କରିବା ଲାଗି ଏହି ଷ୍ଟୋରରେ ଅଭିନବ ଡେମୋ ଜୋନ ରହିବ । ଏଠାରେ ଉପଭୋକ୍ତାମାନେ ପିସିରୁ ଡେସ୍କଟପ ପର୍ଯ୍ୟନ୍ତ ବ୍ରାଣ୍ଡର ନୂଆ ଗେମିଙ୍ଗ ଏବଂ ଲାଇଫଷ୍ଟାଇଲ ଓ କେତେକ ଅତ୍ୟାଧୁନିକ ଉତ୍ପାଦ ଓ ଏକ ବ୍ୟାପକ ରେଞ୍ଜର ଆସେସୋରିଜଗୁଡ଼ିକୁ ପ୍ରଥମକରି ଅନୁଭବ କରିବାର ସୁଯୋଗ ପାଇପାରିବେ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbke@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

















## ଚଳାପଥର ସୁବର୍ଣ୍ଣ ଜୟନ୍ତୀ ସମାରୋହ

# ସାଧାରଣ ଲୋକଙ୍କ ବାସ୍ତବ ସମସ୍ୟା ସାହିତ୍ୟରେ ପ୍ରତିଫଳିତ ହେବା ଉଚିତ: ମନ୍ତ୍ରୀ

ଭୁବନେଶ୍ୱର:ସାଧାରଣ ଲୋକଙ୍କ ବାସ୍ତବ ସମସ୍ୟା ସାହିତ୍ୟରେ ପ୍ରତିଫଳିତ ହେବା ଉଚିତ । ସାହିତ୍ୟ ସବୁ ସମୟରେ ସମାଜକୁ ପ୍ରଭାବିତ କରିଆସିଛି । ଆମର ଜୀବନଧାରା ସାହିତ୍ୟରେ ବିଭିନ୍ନ ଭାବରେ ପ୍ରତିବିମ୍ବିତ ହୋଇଛି ବୋଲି ଗ୍ରାମ୍ୟ ଉନ୍ନୟନ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ପ୍ରୀତିରଞ୍ଜନ ଘଡେଇ କହିଛନ୍ତି । 'ଚଳାପଥ' ଅନୁଷ୍ଠାନର ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ମନ୍ତ୍ରୀ ଶ୍ରୀ ଘଡେଇ ଏହି ମର୍ମରେ ସାହିତ୍ୟ ମାଧ୍ୟମରେ ସମାଜକୁ ଦିଗ୍‌ଦର୍ଶନ ଦେବା ପାଇଁ ସାହିତ୍ୟିକମାନଙ୍କୁ ଅନୁରୋଧ କରିଛନ୍ତି । ଜୟଦେବ ଭବନରେ ଅନୁଷ୍ଠିତ ଏହି ସୁବର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଚନ୍ଦ୍ର ଘଡେଇ ସାଂସ୍କୃତିକ ଅଭ୍ୟୁଦୟ ନିମନ୍ତେ ଲେଖକମାନେ ଉଦ୍ୟମ ଅବ୍ୟାହତ ରଖିବାକୁ ମତବ୍ୟକ୍ତ କରିଥିବାବେଳେ ପ୍ରାକ୍ତନ ବିଚାରପତି ଭିକାରୀ ଚରଣ ରାଉତ ସାହିତ୍ୟରେ ପରମ୍ପରା ଓ ଐତିହ୍ୟର ଉପାଦାନ ରହିବା ଉଚିତ ବୋଲି ଉଲ୍ଲେଖ କରିଥିଲେ । ବିଶିଷ୍ଟ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ କହିଲେ ଯେ ଦାରିଦ୍ର୍ୟ ଓ ନିରକ୍ଷରତା ସତ୍ତ୍ୱେ ହୃଦୟବାନ୍ ଲୋକମାନଙ୍କୁ ଉତ୍ସାହିତ କରି ଅନ୍ୟ ଲୋକମାନଙ୍କ ମୁହଁରେ ହସ ଫୁଟାଇବା ଜଣେ ସାହିତ୍ୟିକର କର୍ତ୍ତବ୍ୟ । ବିଶିଷ୍ଟ କବି ନିରାକାର ଦାସ ଦଳମତ ଉର୍ଦ୍ଧ୍ୱରେ ଉଚ୍ଚାଙ୍ଗ ସାହିତ୍ୟ ସୃଷ୍ଟି ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିବାବେଳେ ଅନୁଷ୍ଠାନର ଉପଦେଷ୍ଟା ଇଂ ବିଜନ୍ ? କୁମାର ବେହେରା, 'ଇସ୍ରୋ'ର ପ୍ରାକ୍ତନ ବୈଜ୍ଞାନିକ ତଥା ସାହିତ୍ୟିକ କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ଅନୁଷ୍ଠାନର ପ୍ରତିଷ୍ଠାତା ସଂପାଦକ ତଥା ବରିଷ୍ଠ ସାମ୍ବାଦିକ ହଳଧର ଧୀର ପ୍ରମୁଖ ବକ୍ତବ୍ୟ ରଖି ଜନକଲ୍ୟାଣ ପାଇଁ ଉଦ୍ଦିଷ୍ଟ ସାହିତ୍ୟ ହିଁ ଚିରନ୍ତନ ହୋଇଥାଏ ବୋଲି କହିବା ସହିତ ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନକୁ ଋଦ୍ଧିମନ୍ତ କରିବା ପାଇଁ ଶିଳ୍ପୀ, ଲେଖକ ଓ ବୁଦ୍ଧିଜୀବୀମାନେ ଏକାଠି ହେବାକୁ ଆହ୍ୱାନ ଜଣାଇଥିଲେ। ଅନୁଷ୍ଠାନର ସଭାପତି ବିଜୟଲକ୍ଷ୍ମୀ ମହାନ୍ତି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ଅର୍ଜନ ନିମନ୍ତେ ମନ୍ତ୍ରୀ ଶ୍ରୀ ଘଡେଇ, 'ପ୍ରଗତିବାଦୀ'ର କାର୍ଯ୍ୟନିର୍ବାହୀ ସଂପାଦକ ବିରୁପାକ୍ଷ ତ୍ରିପାଠୀ ଓ ବାଙ୍ଗାଲୁରୁର ବିଶିଷ୍ଟ ସ୍ନାୟୁ ଶଲ୍ୟ ଚିକିତ୍ସକ ଡା. ପ୍ରତାପ କୁମାର ପାଣୀଙ୍କୁ 'ଚଳାପଥ ସ୍ୱତନ୍ତ୍ର ସମ୍ମାନ' ପ୍ରଦାନ କରାଯାଇଥିଲା । ଅନୁରୂପ ଭାବରେ ଡା. ଅଭୟ କୁମାର ସାହୁ, ଡା. ପ୍ରସନ୍ନ କୁମାର ନନ୍ଦ, ସୂର୍ଯ୍ୟ ରଞ୍ଜନ ମହାନ୍ତି, ସନ୍ତୋଷ କୁମାର ମିଶ୍ର, ଡ. କାହ୍ନୁଚରଣ ଧୀର, ତାପସରାଜ ମହାରଣା, କ୍ଷୀରୋଦ ଦାସ, ହୀରେନ୍ଦ୍ର କୁମାର ସିଂହଦେଓ, ଡ. ସଂଘମିତ୍ରା ଭଞ୍ଜ, କେଦାର ମିଶ୍ର, ଯାମିନୀକାନ୍ତ ଦାସ, ମମତା ମହାପାତ୍ର, ଜ୍ୟୋସ୍ନା ସାମନ୍ତରାୟ, ସରୋଜ ବଳ, ଭୁବନମୋହନ ମହାନ୍ତି, ସବିତାରାଣୀ ବେହେରା, ବିଜୟ କୁମାର ବହଳି, ଅର୍ଜୁନି ଚରଣ ବେହେରା, ପିନାକୀ ମିଶ୍ର, ବେଣୁଧର ସୁତାର, ମୈତ୍ରେୟୀ କମିଲା, ଗଜେନ୍ଦ୍ର କୁମାର ପାଢ଼ୀ, ହରିଶ୍ଚନ୍ଦ୍ର ବେହେରା, ସାଇଶ୍ରୀ ବିଶ୍ୱଜିତା ରାୟଙ୍କୁ 'ଚଳାପଥ ସମ୍ମାନ' ପ୍ରଦାନ କରାଯାଇଥିବାବେଳେ ଡ. ବିଧୁପ୍ରଭା ରଥ ଓ ଜ୍ୟୋସ୍ନାମୟୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ସମ୍ବଲପୁରରେ ଶାନ୍ତି ଫେରି ଆସିଥିବାରୁ ବିଜେପି ସହି ପାରୁନାହିଁ : ବିଜେଡି

**ଭୁବନେଶ୍ୱର:** ଶାନ୍ତିପ୍ରିୟ ସମ୍ବଲପୁରବାସୀଙ୍କ ଆନ୍ତରିକ ପ୍ରଚେଷ୍ଟା ଏବଂ ପ୍ରଶାସନର ଦୃଢ଼ କାର୍ଯ୍ୟାନୁଷ୍ଠାନ ଯୋଗୁଁ ସମ୍ବଲପୁରରେ ଶାନ୍ତି ଫେରି ଆସିଛି । କିନ୍ତୁ ସମ୍ବେଦନଶୀଳ ମାମଲାର ରାଜନୀତିକରଣ କରି ଫାଇଦା ହାସଲ କରିବାକୁ ଚାହୁଁଥିବା ବିଜେପି ଏହା ସହି ପାରୁନାହିଁ। ସେଥିପାଇଁ ଓଡ଼ିଶା ବିଜେପି ନେତାମାନେ ବାଉଳିଚାଉଳି ହୋଇ ବିବୃତି ଦେଉଛନ୍ତି ବୋଲି ବିଜୁ ଜନତା ଦଳ ପକ୍ଷରୁ କୁହାଯାଇଛି । ମଙ୍ଗଳବାର ଏ ସଂକ୍ରାନ୍ତରେ ଗଣମାଧ୍ୟମରେ ପ୍ରତିକ୍ରିୟା ଦେଇ ବିଜେଡି ମୁଖପାତ୍ର ଡ.ଲେନିନ ମହାନ୍ତି କହିଛନ୍ତି, ବିଜେପିର ବରିଷ୍ଠ ନେତା ସମୀର ମହାନ୍ତି ଗଣମାଧ୍ୟମରେ ଯାହା କହିଲେ, ତାହା ତାଙ୍କର ନିଜସ୍ୱ ମତାମତ ନୁହେଁ। ଅନ୍ୟ କାହାର ବାଧ୍ୟବାଧକତାରେ ସେ ଏଭଳି ବିବୃତି ଦେଇଛନ୍ତି । ଉତରପ୍ରଦେଶ, ମଧ୍ୟପ୍ରଦେଶ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ବିଜେପି ଶାସିତ ରାଜ୍ୟରେ ଅପରାଧ, ହିଂସା ଓ ଦଙ୍ଗାର ତାଲିକା ଦେଖିଲେ, ଓଡ଼ିଶା ଏସବୁ ରାଜ୍ୟଠାରୁ ଢେର୍ ତଳେ ଅଛି।

ଡ.ମହାନ୍ତି ଆହୁରି କହିଲେ ଯେ ଓଡ଼ିଶା ବିଜେପିର ନେତାମାନେ କ୍ରମାଗତ ଭାବରେ ଓଡ଼ିଶାବାସୀଙ୍କୁ ଅରାଜକ ଆଖ୍ୟା ଦେଇ ଅପମାନିତ କରି ଚାଲିଛନ୍ତି। ବାସ୍ତବରେ ଓଡ଼ିଶା ବିଜେପିର ନେତାମାନେ ହିଁ ଓଡ଼ିଶାରେ ଅରାଜକତା ସୃଷ୍ଟି କରିବାକୁ ଉଦ୍ୟମ କରୁଛନ୍ତି । ସମ୍ବଲପୁରରେ ଶାନ୍ତି ଫେରି ଆସିଥିବାବେଳେ ସମୀର ବାବୁଙ୍କ ମୁହଁରେ ଏଭଳି କୁହାଉଥିବା ଓଡ଼ିଶା ବିଜେପି ନେତାମାନେ ଏହା ସହିପାରୁ ନାହାନ୍ତି । ଏହି ସମ୍ବେଦନଶୀଳ ମାମଲାର ରାଜନୀତିକରଣ କରି ଫାଇଦା ହାସଲ କରିବାକୁ ସେମାନଙ୍କର ଯେଉଁ ମନ୍ଦ ଉଦ୍ଦେଶ୍ୟ ରହିଛି, ତାହା ସାଧିତ ହୋଇ ପାରୁନାହିଁ। ତେଣୁ ସେମାନେ ପ୍ରତିଦିନ ବାଉଳିଚାଉଳି ହୋଇ ଗଣମାଧ୍ୟମରେ ଏଭଳି ବୟାନବାଜି କରୁଛନ୍ତି। ଏଭଳି ହୀନ ରାଜନୀନୈତିକ ଷଡ଼ଯନ୍ତ୍ର କରି ବିଜେପି ସାଢେ ଚାରି କୋଟି ଓଡ଼ିଆ ଏବଂ ଓଡ଼ିଶାକୁ ବଦନାମ କରୁଛି।

# ଗଙ୍ଗାନଗରରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ମାମଲା, ପୋଲିସ ପାଇଁ ଚ୍ୟାଲେଞ୍ଜ

**ଜୟପୁର:** ଜୟପୁର ଗଙ୍ଗାନଗରରେ ଲକ୍ଷାଧିକ ଟଙ୍କାର ସୁନା ଗହଣା ଚୋରି ଘଟଣା ରେ ୧୦ ଦିନ ବିତିଲା ସୁରାକ ମଧ୍ୟ ପୋଲିସ ପାଖରେ ନାହିଁ । ଦୁର୍ବୁତଙ୍କୁ ଧରିବାକୁ ପୋଲିସ ପାଇଁ ଚେଲେଞ୍ଜ ସୃଷ୍ଟି କରିଛି । ମଙ୍ଗଳବାର ଏସଡିପିଓ ହରିସ ବିସି ଅଭିଯୋଗକାରିଙ୍କ ଘରକୁ ଯାଇ ତଦନ୍ତ କରି ଫେରିଛନ୍ତି । ଗତ ମଧ୍ୟ ଏସପି ଅଭିନବ ସୋନକାର ଜୟପୁର ଟାଉନ ଥାନାରେ ଏହି ମାମଲାକୁ ଗୁରୁତର ସହ ନେଇ ସମୀକ୍ଷା କରି କମିଟି ଗଠନ କରିଛନ୍ତି । ମଙ୍ଗୁଲା ଝିଅ ବିବାହ ପାଇଁ ୧୦ ଦିନ ଥିବା ବେଳେ ସୁନା ଗହଣା ଟଙ୍କା ଚୋରି ହୋଇଛି । ପୋଲିସ ଦିନ ଗଡାଇ ଗଡାଇ ବସିଛି । ଶେଷରେ ଯୁବତୀ ଜଣକ ଗତ କାଲି ଉତ୍ୟକ୍ତ ହୋଇଥିଲେ । ସିସି କ୍ୟାମେରାର ଫୁଟେଜ ମଧ୍ୟ ଦିଆଯାଇଛି। ହେଲେ ପୋଲିସ ଚୁପ ରହି ଥିବା ଅଭିଯୋଗ କରି ସୋମବାର ଜୟପୁର ଗସ୍ତରେ ଆସିଥିବା କୋରାପୁଟ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର ଓ ଏସପି ଅଭିନବ ସୋନକାରଙ୍କ ଦ୍ୱାରସ୍ଥ ହୋଇଥିଲେ ଯୁବତି । ଯୁବତିଙ୍କ ବିବାହ ଆସନ୍ତା ମେ ୫ ତାରିଖରେ ଥିବା ବେଳେ ମା ମଧ୍ୟ ଚିନ୍ତିତ ହୋଇ ଦେହ ଖରାପ ହୋଇଗଲାଣି । ମୋର ବାପା , ଭାଇ ନାହାଁନ୍ତି କଷ୍ଟ ଅର୍ଜିତ ଚୋରି ହୋଇଥିବା ସୁନା ଗହଣା ଟଙ୍କା ତୁରନ୍ତ ଖୋଜି ବାହାର କରିବାକୁ ଦାବି କରିଥିଲେ ।




# ଓରିଏଂଟ୍ ଇଲେକ୍ଟ୍ରିକ୍ ପକ୍ଷରୁ ଶକ୍ତି ଦକ୍ଷ ବିଏଲ୍‌ଡିସି ଫ୍ୟାନ୍‌ଗୁଡ଼ିକର ଏକ ସମ୍ପୂର୍ଣ୍ଣ ରେଞ୍ଜ ଉନ୍ମୋଚିତ



**ଭୁବନେଶ୍ୱର:** ସିକେ ବିର୍ଲା ଗ୍ରୁପ୍‌ର ଏକ ଅଂଶ ଓରିଏଂଟ୍ ଇଲେକ୍ଟ୍ରିକ୍ ଲିମିଟେଡ୍, ବିଏଲ୍‌ଡିସି ଫ୍ୟାନ୍‌ଗୁଡ଼ିକର ଏକ ନୂତନ ରେଞ୍ଜ୍‌ର ଉନ୍ମୋଚନ କରିଛି । ସାଧାରଣ ଫ୍ୟାନ୍ ତୁଳନାରେ ଓରିଏଂଟ୍‌ର ୫-ଷ୍ଟାର୍ ରେଟେଡ୍ ବିଏଲ୍‌ଡିସି ଫ୍ୟାନ୍୫୦% ପର୍ଯ୍ୟନ୍ତ କମ୍ ଶକ୍ତି ବ୍ୟବହାର କରିଥାଏ ଯାହାଫଳରେ ଏହା ଉପଭୋକ୍ତାଙ୍କୁ ସଠିକ ବାୟୁପ୍ରବାହ ସହିତ ବିଦ୍ୟୁତ୍ ବିଲ୍ ଉପରେ ଅଧିକ ଅର୍ଥ ସଂଚୟ କରିବାକୁ ଦେଇଥାଏ । କମ୍ପାନୀପ୍ରତ୍ୟେକ ଷ୍ଟାଇଲ, ଆବଶ୍ୟକତା ଓ ବଜେଟ୍‌କୁ ପୂରଣ କରିବା ଲାଗି ପ୍ରିମିୟମ,ଡେକୋରେଟିଭ୍ ଓ ଇକୋନୋମି ଶ୍ରେଣୀରେ ବିଭିନ୍ନ ମୂଲ୍ୟ ବର୍ଗରେ ଏକ ବୃହତ୍‌ଶୃଙ୍ଖଳାର ବିଏଲ୍‌ଡିସି ଫ୍ୟାନ୍ ପ୍ରଦାନ କରୁଛି । କମ୍ପାନୀର କିଛି ସର୍ବାଧିକ ବିକ୍ରିହେଉଥିବା ବିଏଲ୍‌ଡିସି ଫ୍ୟାନ୍‌ଗୁଡ଼ିକ ମଧ୍ୟରେ ଆଇଓଟି-ସକ୍ଷମ ଓ ଭଏସ୍-କଂଟ୍ରୋଲ୍‌ଡଆଇ-ଫ୍ଲୋଟ୍ ଓ ଏରୋସ୍ଲିମ୍, ଏରୋକ୍ୱାଇଟ୍, ଇକୋଟେକ୍‌ସୁପ୍ରିମ୍ ଆଦିସାମିଲ ରହିଛି । କମ୍ପାନୀ ପକ୍ଷରୁ ଏହାର ବିଏଲ୍‌ଡିସି ଫ୍ୟାନ୍‌ଗୁଡ଼ିକୁ ପ୍ରଦର୍ଶିତ ଓପ୍ରୋତ୍ସାହିତ କରିବା ପାଇଁ ବ୍ରାଣ୍ଡ ଆମ୍ବାସାଡର୍ ଏମ୍‌ଏସ୍ ଧୋନିଙ୍କ ଅଭିନୀତ ଏକନୂଆ ଟିଭିସି ମଧ୍ୟ ଶୁଭାରମ୍ଭ କରାଯାଇଛି ।ଏସମ୍ପର୍କରେ ଓରିଏଂଟ୍ ଇଲେକ୍ଟ୍ରିକ୍ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ଓ ସିଇଓ ରାଜନ ଗୁପ୍ତା କହିଛନ୍ତି, 'ଭାରତୀୟ ଉପଭୋକ୍ତାଙ୍କ ପାଇଁ ଶକ୍ତି ଦକ୍ଷ ଓ ସୁଲଭ ମୂଲ୍ୟର ସମାଧାନଆଣିବା ଲାଗି ବିଇଇ, ଇଇଏସ୍‌ଏଲ୍ ଭଳି ଅନୁଷ୍ଠାନଗୁଡ଼ିକ ସହ ମିଶି କାର୍ଯ୍ୟକରୁଛୁ । ଆମର ବିସ୍ତୃତ ରେଞ୍ଜର ବିଏଲ୍‌ଡିସି ଫ୍ୟାନ୍‌ଗୁଡ଼ିକ ଉକ୍ତ ଦିଗରେ ଏକପଦକ୍ଷେପ ଅଟେ ଏବଂ ଆମେ ବିଶ୍ୱାସ କରୁଛୁ ଯେ, ଉପଭୋକ୍ତାମାନେ ଏହି ଫ୍ୟାନ୍‌ରୁପାଇବାକୁ ଥିବା ମୂଲ୍ୟକୁ ପ୍ରଶଂସା କରିବେ । ଗୋଟିଏ ବିଏଲ୍‌ଡିସି ଫ୍ୟାନ୍‌ଉପଭୋକ୍ତାଙ୍କୁ ବିଦ୍ୟୁତ୍ ବିଲ୍ ଉପରେ ବାର୍ଷିକ ହାରାହାରି ୧୬୦୦ ଟଙ୍କା ସଂଚୟକରିବାରେ ସାହାଯ୍ୟ କରିପାରେ । ଭାରତ ଫ୍ୟାନ୍ ପାଇଁ ଏକ ବିଶାଳ ବଜାର ଅଟେ ଏବଂବିଏଲ୍‌ଡିସି ଫ୍ୟାନ୍‌ଗୁଡ଼ିକ କାର୍ବନ ନିର୍ଗମନରେ ଏକ ଗୁରୁତ୍ୱପୂର୍ଣ୍ଣ ହ୍ରାସ ସହିତଦେଶ ଓ ଉପଭୋକ୍ତାଙ୍କ ଲାଗି କେତେ ପରିମାଣର ଶକ୍ତି ଓ ଅର୍ଥ ସଂଚୟ କରିପାରିବେ, ଜଣେବ୍ୟକ୍ତି ତାହା ଅନୁମାନ ଲଗାଇପାରିବେ । ସ୍ୱତନ୍ତ୍ର ଡିଜାଇନ୍‌ଗୁଡ଼ିକୁ ପ୍ରଦର୍ଶିତ କରି ଓରିଏଂଟ୍ ବିଏଲ୍‌ଡିସି ଫ୍ୟାନ୍‌ଗୁଡ଼ିକ କମ୍ କ୍ଷୟ ଯୋଗୁଁ ଇଣ୍ଡକ୍ସନ ମୋଟର ଫ୍ୟାନ୍ ତୁଳନାରେ ଦୀର୍ଘସ୍ଥାୟୀଅଟେ, ଉତ୍କୃଷ୍ଟମାନର ବାୟୁ ପ୍ରବାହ ପ୍ରଦାନ କରିଥାଏ, ବିନା ଶବ୍ଦରେ ପରିଚାଳନାକରିଥାଏ ଏବଂ ଫ୍ଲକ୍‌ଚୁଏଟିଂ ଭୋଲ୍‌ଟେଜ୍‌ରେ ମଧ୍ୟ ଦକ୍ଷତାର ସହ କାର୍ଯ୍ୟ କରିଥାଏଯାହାକି ଭାରତରେ ଏକ ସାଧାରଣ ସମସ୍ୟା ଅଟେ । ଓରିଏଂଟ୍‌ର ବିଏଲ୍‌ଡିସି ରେଞ୍ଜ୍‌ରେରେଗୁଲେଟର୍-ଆଧାରିତ ଫ୍ୟାନ୍, ଆଇଆର୍ ରିମୋଟ୍ ଓ ଆର୍‌ଏଫ୍ ରିମୋଟ୍ ସହ ଫ୍ୟାନ୍ ଆଦି ସାମିଲ ରହିଛି । ଏହି ରେଞ୍ଜର କିଛି ମଡେଲଗୁଡ଼ିକ ସର୍ବନିମ୍ନସ୍ପିଡ୍‌ରେ ୫ ୱାଟ୍‌ରୁ କମ୍ ବିଦ୍ୟୁତ୍ ବ୍ୟବହାର କରିଥାନ୍ତି ।

# ତେଲନଦୀ ବାମ ପାର୍ଶ୍ୱ ବନ୍ୟା ସୁରକ୍ଷା ଆଡ଼ିବନ୍ଧ ନିର୍ମାଣ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ



**ସୁବର୍ଣ୍ଣପୁର:** ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଜଳ ସେଚ଼ନ ବିଭାଗ ସୋନପୁର ଦ୍ୱାରା ତେଲନଦୀ କୂଳରେ ଆୟୋଜିତ ତେଲନଦୀ ବାମ ପାର୍ଶ୍ୱ ବନ୍ୟା ସୁରକ୍ଷା ଆଡ଼ିବନ୍ଧ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ ମାନ୍ୟବର ମନ୍ତ୍ରୀ ଅର୍ଥ ଓ ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ଓଡ଼ିଶା ନିରଞ୍ଜନ ପୂଜାରୀଙ୍କ କରକମଳରେ ଅନୁଷ୍ଠିତ ହୋଇଯାଇଛି । ଗତରକେଲା ଠାରୁ ସୋନପୁର ତେଲ ନଦୀ ବ୍ରିଜ ପର୍ଯ୍ୟନ୍ତ ୦୦ ମି. ରୁ ୬୦୦୦ ମି. ପର୍ଯ୍ୟନ୍ତ ନିର୍ମାଣ ହେବାକୁ ଥିବା ବନ୍ୟା ସୁରକ୍ଷା ଆଡ଼ିବନ୍ଧ ନିର୍ମାଣ ପ୍ରକଳ୍ପ ନିମନ୍ତେ ଜଳ ସମ୍ପଦ ବିଭାଗ ଓଡ଼ିଶା ସରକାରଙ୍କ ଜଳସେଚ଼ନ ବିଭାଗ ସୋନପୁର ଦ୍ୱାରା ୧୫.୧୧କୋଟି ଅର୍ଥ ରାଶିର ବ୍ୟୟ ଅଟକଳ ରହିଥିବା ବେଳେ ୧୨ କୋଟି ୭୩ଲକ୍ଷଟଙ୍କା ବ୍ୟୟରେ ପ୍ରକଳ୍ପ ନିର୍ମାଣ ହେବାକୁ ଥିବା ସୂଚ଼ନା ପ୍ରଦାନ କରାଯାଇଛି । ଏହି ପ୍ରକଳ୍ପ ନିର୍ମାଣ ଦ୍ୱାରା ଜିଲ୍ଲାର ସୋନପୁର ପୌରାଞ୍ଚଳ ସହ ସୋନପୁର ବ୍ଲକ ଅଞ୍ଚଳ ଗତରକେଲା, କୁଷ୍ଟାପାଲି, ଜନମୁରା, ବଳଦାପାଲି, ହଳଦିପାଲି ମୌଜା ର୧୨୩୦୦ ହେକ୍ଟର ପରିମିତ ବହୁମୂଲ୍ୟ ଚ଼ାଷଉପଯୋଗୀ ଜମିରେ ଉତ୍ପାଦିତ ଫସଲର ବିଶେଷ ସୁରକ୍ଷା ସହ ପ୍ରାୟ ୫୫୦୦୦ ବିଶିଷ୍ଟ ଜନବସତି ସମୂହର ଧନଜୀବନର କ୍ଷୟ କ୍ଷତିକୁ ସମ୍ଭାବ୍ୟ ବନ୍ୟାରୁ ସୁନିଶ୍ଚିତ ରକ୍ଷା କରିବା ସହ ଅଂଚ଼ଳର ତାପମାତ୍ରା ବୃଦ୍ଧିକୁ ମଧ୍ୟ ନିୟନ୍ତ୍ରଣ କରିବାରେ ବେଶ ସହାୟକ ହେବ । ୧୧ ମିଟର ଉପରଅଂଶ ଚ଼ଉଡା ବିଶିଷ୍ଟ ଏହି ହାଇ ଫ୍ଲଡ ପ୍ରତିରୋଧ ଆଡ଼ିବନ୍ଧ ସୋନପୁର ସହରର ଦ୍ରୁତ ଜନବସତି ତଥା ଜିଲ୍ଲା ବିକାଶରେ ଏକ ପ୍ରମୁଖ ଭୂମିକା ନେଇ ଭବିଷ୍ୟତରେ ଏହି ଆଡ଼ିବନ୍ଧ ଦେଇ ରିଙ୍ଗରୋଡ଼୍‌ର ବ୍ୟବସ୍ଥା କରାଯିବ । ଯାହା ଫଳରେ ସହର ତଥା ଜିଲ୍ଲାର ଗମନା ଗମନ, ଯାନବାହାନ ଯାତାୟତ ପ୍ରଭୃତି ସୁଗମ, ସହଜ ଓ ବ୍ୟବସ୍ଥିତ ହୋଇପାରିବକ୍ଷ ସହିତ ଏହି ପ୍ରକଳ୍ପ ଜିଲ୍ଲା ବିକାଶର ଏକ ମାଇଲ ଖୁଣ୍ଟ ବୋଲି ମତବ୍ୟକ୍ତ କରିଛନ୍ତି ମାନ୍ୟବର ମନ୍ତ୍ରୀ ଶ୍ରୀ ପୂଜାରୀ ।ପୁନଶ୍ଚ ଏଥି ସହ ଜିଲ୍ଲାର ସର୍ବାଙ୍ଗୀନ ବିକାଶ ସହ କୃଷି ଓ କୃଷକଙ୍କ ପ୍ରଗତି ନିମନ୍ତେ ଅଙ୍ଗ ଜଳସେଚ଼ନ ପ୍ରକଳ୍ପ କାର୍ଯ୍ୟକ୍ରମକୁ ମଧ୍ୟ ତ୍ୱରାନ୍ୱିତ କରାଯାଇଛି, ଯେପରି କି ଅତି କମ ଦିନ ମଧ୍ୟରେ ଜିଲ୍ଲାର ଜନସାଧାରଣ ପ୍ରକଳ୍ପର ସୁବିଧା କୁ ଉପଲବ୍ଧ କରିପାରିବେ ବୋଲି ଅତିରିକ୍ତ ମୁଖ୍ୟ ଯନ୍ତ୍ରୀ ଜଳସେଚ଼ନ ମଣ୍ଡଳ ବଲାଙ୍ଗୀର ଇଂ ସଂଜୀବ କୁମାର ତ୍ରିପାଠୀ ସୂଚ଼ନା ପ୍ରଦାନ କରିଛନ୍ତି । ଏହି ଶିଳାନ୍ୟାସ କାର୍ଯ୍ୟକ୍ରମରେ ସୁବର୍ଣ୍ଣପୁର ଜିଲ୍ଲାପାଳ ସୂର୍ଯ୍ୟ ନାରାୟଣ ଦାଶ, ଆରକ୍ଷୀ ଅଧିକ୍ଷକ ଅମରେଶ ପଣ୍ଡା, ନିର୍ବାହୀ ଯନ୍ତ୍ରୀ ତେଲ ଜଳସେଚ଼ନ ବିଭାଗ, ସୋନପୁର ଇଂ ଜିତେନ୍ଦ୍ର କୁମାର ପାଢ଼ୀ, ସୋନପୁର ପୌରାଧକ୍ଷା ତାମସୀ ତାମସ୍ମିତା ନାୟକ, ପୌରଉପାଧକ୍ଷା ମଳିକା ଦାନୀ, ବ୍ଲକ ଅଧକ୍ଷ ସୋନପୁର ପ୍ରହଲ୍ଲାଦ ନାୟକ, ପ୍ରମୁଖ ମଂଚ଼ାସୀନ ଥିବାବେଳେ କାର୍ଯ୍ୟକ୍ରମରେ ପୌରପରିଷଦର ସମସ୍ତ କାଉନସିଲର, ସହରର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ, ଜନସାଧାରଣ, ବିଭାଗୀୟ ଅଧିକାରୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ଜିଲ୍ଲାସ୍ତରୀୟ ସାମ୍ବାଦିକ ବୃନ୍ଦ ଉପସ୍ଥିତ ଥିଲେ । ଇଂ ସନ୍ତୋସ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସଭାରେ ଇଂ ଖଗେଶ୍ୱର ରାଉତ ଏସ. ଡି.ଓ. ଜଳସେଚ଼ନ ବିଭାଗ ସୋନପୁର, ଧନ୍ୟବାଦ ପ୍ରଦାନ କରିଥିଲେ ।

# ଦୁବାଇରେ ବାଲିଆ ଜମିର ବର୍ଗଫୁଟ ଦାମ୍ ଲକ୍ଷେ ଟଙ୍କା



**ଦୁବାଇ:** କୌଣସି ବିଳାସପୂର୍ଣ୍ଣ ଫ୍ଲାଟ୍ କିମ୍ବା ପେଣ୍ଟହାଉସ୍ ନୁହେଁ । ଏକ ବାଲିଆ ଜମି ରେକର୍ଡ ଦାମ୍‌ରେ ବିକ୍ରି ହୋଇଛି । ବର୍ଗଫୁଟ ପିଛା ଦାମ୍ ହେଉଛି ଏକ ଲକ୍ଷ ଟଙ୍କା । ଦୁବାଇର ଜୁମେଇରା ବେ' ଦ୍ୱୀପରେ ୨୪,୫୦୦ ବର୍ଗଫୁଟର ଏକ ଖାଲିଥିବା ବାଲି ଭର୍ତ୍ତି ଜମି ବିକ୍ରି ହୋଇଛି । ୟୁଏଇ ବାହାରର ଜଣେ ବ୍ୟକ୍ତି ତାହାକୁ କିଣିଛନ୍ତି । ପରିବାର ଛୁଟି କଟାଇବା ପାଇଁ ଆସିବା ବେଳେ ରହିବାକୁ ସେ ଏକ ଘର ତିଆରି କରିବାକୁ ଜମିଟି କିଣିଛନ୍ତି । ବିଶ୍ୱର ଧନୀକ ବର୍ଗର ଲୋକମାନଙ୍କ ପାଇଁ ଦୁବାଇ ଏକ ବଡ ରିଅଲ ଇଷ୍ଟେଟ୍ ବଜାର ଭାବେ ଉଭା ହୋଇଛି । କମ୍ ଟିକସ ଓ କମ୍ ଅପରାଧ ଭଳି ପରିବେଶ ଲାଗି ସେଠାରେ ବିଭିନ୍ନ ଦେଶର ଲୋକ ରହିବାକୁ ଚ଼ାହୁଛନ୍ତି ।

# ବେଦାନ୍ତ ଲାଞ୍ଜିଗଡକୁ ସମ୍ମାନଜନକ ଗୋଲଡେନ୍ ପିକକ୍ ପୁରସ୍କାର




**ଲାଞ୍ଜିଗଡ :** ବେଦାନ୍ତ ଲିମିଟେଡ, ଲାଞ୍ଜିଗଡ ଭାରତର ଅଗ୍ରଣୀ ମେଟାର୍ଲଜିକାଲ ଗ୍ରେଡ ଆଲୁମିନା ଉତ୍ପାଦନକାରୀ କଳାହାଣ୍ଡି ଏବଂ ଆଖପାଖ ଅଂଚଳରେ ବିକାଶମୂଳକ ପଦକ୍ଷେପକୁ ସ୍ୱୀକୃତି ଦେଇ କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ଅର୍ନ୍ତଗତ ସମ୍ମାନଜନକ ଗୋଲଡେନ୍ ପିକକ୍ ପୁରସ୍କାର ଲାଭ କରିଛି । ମହିଳା ଏବଂ ଶିଶୁ ବିକାଶ ଉପରେ ବିଶେଷ ଧ୍ୟାନ ଦେଇ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ତୃଣମୂଳ କ୍ରୀଡା ଏବଂ କଳା ଏବଂ ସଂସ୍କୃତି କ୍ଷେତ୍ରରେ କମ୍ପାନୀର ସାମଗ୍ରିକ ବିକାଶ ପ୍ରୟାସର ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱୀକୃତି ଭାବରେ ଲାଭ କରିଛି ।

ଭାରତରେ ଏହା ଏକ ସମ୍ମାନଜନକ ପୁରସ୍କାର ମଧ୍ୟରୁ ଅନ୍ୟତମ କର୍ପୋରେଟ୍ ସାମାଜିକ ଦାୟିତ୍ୱ ପାଇଁ ଗୋଲଡେନ୍ ପିକକ୍ ପୁରସ୍କାର, ବ୍ୟବସାୟ ଲକ୍ଷ୍ୟ ବ୍ୟତୀତ ସାମାଜିକ ଚିନ୍ତାଧାରା ଉପରେ ଧ୍ୟାନ ଦେଉଥିବା କମ୍ପାନୀଗୁଡିକର ମୂଲ୍ୟାଙ୍କନ ଏବଂ ସ୍ୱୀକୃତି ପ୍ରଦାନ କରେ, ଆର୍ଥିକ ଲାଭ, ଆର୍ଥିକ ମୂଲ୍ୟ ବୃଦ୍ଧି ଏବଂ ଅଧିକ ସନ୍ତୁଳିତ ଆଭିମୁଖ୍ୟ ଗ୍ରହଣ କରିବାକୁ ଉତ୍ସାହିତ କରେ ।

ଏହି ସ୍ୱୀକୃତି ଉପରେ ନିଜର ଚିନ୍ତାଧାରା ବ୍ୟକ୍ତକରି ଶ୍ରୀ ଜିଜି ପଲ, ଡେପୁଟି ସିଇଓ - ଆଲୁମିନା ବିଜନେସ୍, ବେଦାନ୍ତ ଲିମିଟେଡ୍ କହିଛନ୍ତି, "ବେଦାନ୍ତ ଲିମିଟେଡ୍, ଲାଞ୍ଜିଗଡ ଏହାର କାର୍ଯ୍ୟକଳାପ ମାଧ୍ୟମରେ ଦୃଷ୍ଟାନ୍ତମୂଳକ ସାମାଜିକ ପରିବର୍ତ୍ତନ ହାସଲ କରିବା ଉପରେ ଗୁରୁତ୍ୱାରୋପ କରିଛି, ଗୁଣାତ୍ମକ ଶିକ୍ଷା, ଉତମ ସ୍ୱାସ୍ଥ୍ୟ, ଶୂନ୍ୟ ଦାରିଦ୍ର, ସ୍ଥାୟୀ ସମ୍ପ୍ରଦାୟ ଏବଂ ମିଳିତ ଜାତିସଂଘର ନିରନ୍ତର ବିକାଶ ଲକ୍ଷ୍ୟ ସହିତ ଉପଯୁକ୍ତ କାର୍ଯ୍ୟ ଏବଂ ଆର୍ଥିକ ଅଭିବୃଦ୍ଧି ଇତ୍ୟାଦି । ଏହି ଉଦ୍ଦେଶ୍ୟରେ, ଆମେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଜୀବିକା, ତୃଣମୂଳ କ୍ରୀଡା ଏବଂ କଳା ଏବଂ ସଂସ୍କୃତି କ୍ଷେତ୍ରରେ ଆମର ହସ୍ତକ୍ଷେପ ମାଧ୍ୟମରେ ମହିଳା ଏବଂ ଶିଶୁ ବିକାଶ ଉପରେ ଧ୍ୟାନ ଦେଇ ସମାଜକୁ ସକରାତ୍ମକ ପରିବର୍ତ୍ତନ ପାଇଁ ଅନେକ ଉପାୟ ପ୍ରଦାନ କରିବାରେ ବିଶ୍ୱାସ କରୁ । ଏହି ପୁରସ୍କାର ଆମର ପ୍ରୟାସ ପାଇଁ ଅତିରିକ୍ତ ପ୍ରେରଣାଦାତା ଭାବରେ ଏବଂ ସକରାତ୍ମକ ସାମାଜିକ ତଥା ଆର୍ଥିକ ପ୍ରଭାବ ସୃଷ୍ଟି କରିବାକୁ ଆମର ପ୍ରୟାସରେ ଆମକୁ ଆଗକୁ ବଢାଇଥାଏ ।"

# ଗ୍ଲେନମାର୍କ ପକ୍ଷରୁ ଭାରତରେ ଅକିନଜିଓ ଆଇଭିର ଶୁଭାରମ୍ଭ

ଭୁବନେଶ୍ୱର : ବିଶ୍ୱସ୍ତରିୟ ଫାର୍ମାସ୍ୟୁଟିକାଲ୍ସ କମ୍ପାନି ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ସ୍ୱିଜରଲ୍ୟାଣ୍ଡର ବାୟୋଫାର୍ମା ଗ୍ରୁପ୍ କମ୍ପାନୀ ହେଲସିନ୍ ସହିତ ଏକ ସ୍ୱତନ୍ତ୍ର ଚୁକ୍ତିନାମା ଅନୁଯାୟୀ କେମୋଥେରାପି ଦ୍ୱାରା ହେଉଥିବା ବାନ୍ତି ଏବଂ ବାନ୍ତି (ସିଆଇଏନଭି) ରୋକିବା ପାଇଁ, ଭାରତରେ ପ୍ରଥମ ଥର ଆଇ.ଭି ଇଞ୍ଜେକ୍ସନ ସୂତ୍ର ଅକିନଜିଓର ଶୁଭାରମ୍ଭ କରିଛି । ଅକିନଜିଓ ଆଇ.ଭି ଏହା ଏକ ସ୍ଥିର ଡୋଜ୍ ମିଶ୍ରଣ ଫସୋନେଟ୍ୟୁପିଟେଂଟ (୨୩୫ ମିଗ୍ରା) ଏବଂ ପାଲୋନୋସେଟ୍ରନ୍ (୦.୨୫ ମିଗ୍ରା) ଅଟେ, ଏବଂ ଏହା ଏକ ପ୍ରସ୍ତୁତ-ଟୁ-ଦିଲ୍ୟୁଟ୍ ଆଇ.ଭି ଇଞ୍ଜେକ୍ସନ୍ ଭାବରେ ଉପଲବ୍ଧ । ପ୍ରତ୍ୟେକ କେମୋଥେରାପି ସାଇକ୍ଲେଟଥ ଆରମ୍ଭ ହେବାର ୩୦ ମିନିଟ ପୂର୍ବରୁ ଏହା ଏକକ ଇନଫ୍ୟୁଜନ୍ ଭାବରେ ବ୍ୟବହୃତ ହୋଇଥାଏ, ସିଆଇଏନଭି ର ଉଭୟ ତୀବ୍ର ଏବଂ ବିଳମ୍ବିତ ପର୍ଯ୍ୟାୟକୁ ରୋକିବାରେ ସାହାଯ୍ୟ କରେ । ଏହି ଔଷଧ ପୂର୍ବରୁ ୟୁଏଇ, ଆମେରିକା ଏବଂ ଅଷ୍ଟ୍ରେଲିଆରେ ବିକ୍ରି ହେଉଛି ।

ଏହି ଉନ୍ମୋଚନ ଅବସରରେ ଆଲୋକ ମଲିକ, ଇଭିପି ଆଣ୍ଡ ବିଜନେସ୍ ହେଡ୍ - ଇଣ୍ଡିଆ ଫର୍ମୁଲେସନ୍ସ, ଗ୍ଲେନମାର୍କ ଫାର୍ମାସ୍ୟୁଟିକାଲ୍ସ ଲିମିଟେଡ କହିଛନ୍ତି ଯେ ଗ୍ଲେନମାର୍କରେ, ଆମେ ରୋଗୀ ଏବଂ କ୍ଲିନିକାଲ ବିଶେଷଜ୍ଞମାନଙ୍କୁ କର୍କଟ ଚିକିତ୍ସାରେ ସାହାଯ୍ୟ କରିବା ପାଇଁ ଆମର ଅନୁସନ୍ଧାନ ଜାରି ରହିଛି । କେମୋଥେରାପି ହେଉଛି କର୍କଟ ଚିକିତ୍ସାରେ ଏକ ରୂପ, ବାନ୍ତି ଏବଂ ବାନ୍ତି ସହିତ ଦୁର୍ବଳ ଲଗିବା ଏହାର ଦୁଇଟି ପାର୍ଶ୍ୱ ପ୍ରତିକ୍ରିୟା । ଅକିନଜିଓ ଆଇ.ଭି ଏକ ସୁବିଧାଜନକ, ଏକକ-ଡୋଜ୍, ପ୍ରସ୍ତୁତ-ଟୁ-ମିଶ୍ରିତ ଆଇ.ଭି ଇଞ୍ଜେକ୍ସନ୍ ଯାହା ଉଭୟ, ସିଆଇଏନଭିର ତୀବ୍ର ଏବଂ ବିଳମ୍ବିତ ପର୍ଯ୍ୟାୟକୁ ଅନ୍ତର୍ଭୁକ୍ତ କରିଥାଏ । ଯାହା ଦ୍ୱାରା ରୋଗୀମାନେ ଏକାଧିକ ଆଂଟିମେଟିକ୍ ଔଷଧରୁ ଦୂରେଇ ରହିପାରିବେ ଏବଂ ପାଚନ ପ୍ରକ୍ରିୟାରେ ଉନ୍ନତି ଆଣିବେ ।

ହେଲସିନ୍ ଗ୍ରୁପ୍ ସିଇଓ ଜିଓରଗିଓ କାଲଡେରାରି କହିଛନ୍ତି, ଅକିନଜୋ ଆଇ.ଭି କେମୋଥେରାପିରେ ପୀଡିତ ଏବଂ ସିଆଇଏନଭି ବିପଦରେ ଥିବା ରୋଗୀମାନଙ୍କ ପାଇଁ ଏକ ନୂତନ ପ୍ରୋଫାଇଲାକ୍ଟିକ୍ ବିକଳ୍ପ ପ୍ରଦାନ କରିବ । ଗ୍ଲେନମାର୍କ ସହିତ ସହଭାଗୀ ହୋଇ ଆମେ ବେଶ ଆନନ୍ଦିତ, ଯାହାର ଏହି ଅଂଚଳରେ ଭଲ ନାମ ରହିଛି ଏବଂ କର୍କଟ ରୋଗୀଙ୍କ ପାଇଁ ସର୍ବୋତମ ଚିକିତ୍ସା ବିକଳ୍ପ ପ୍ରଦାନ କରିବାରେ ବିଶ୍ୱାସ କରାଯାଏ । କର୍କଟ ସହାୟକ ଚିକିତ୍ସା ଚିକିତ୍ସାରେ ଗ୍ଲେନମାର୍କର ନେତୃତ୍ୱ ଅତୁଳନିଅ ସର୍ବଶେଷ ଜାତୀୟ କର୍କଟ ରେଜିଷ୍ଟ୍ରି ପ୍ରୋଗ୍ରାମ ତଥ୍ୟ ଅନୁଯାୟୀ, ୨୦୨୫ ସୁଦ୍ଧା ଦେଶରେ କର୍କଟ ରୋଗ ୧୨.୮% ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି ଯାହାକି ୨୦୨୦ ରେ ୧୩.୯ ଲକ୍ଷ କେସରୁ ଅଧିକ ହୋଇପାରେ ।



ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
Bhubaneswar Thursday April 27, 2023 ଭୁବନେଶ୍ୱର ଗୁରୁବାର, ଅପ୍ରେଲ ୨୬,୨୦୨୩ Daily Edition : R.N.I.No: ODIODI/1999/00717 Postal Regd. No: BN/57/18-20 www.paryabekhyak.com

# ସକଳେଶ୍ୱର ମହାଦେବଙ୍କ ୧୮ତମ ବିଶ୍ୱଶାନ୍ତି ଯଜ୍ଞ ଅନୁଷ୍ଠିତ

**ଭୁବନେଶ୍ୱର:** ବମିଖାଲସ୍ଥିତ ସକଳେଶ୍ୱର ମହାଦେବ ମନ୍ଦିରର ୧୮ତମ ବାର୍ଷିକ ଯଜ୍ଞ ସମାପନ ହୋଇଯାଇଛି। ବାବୁଲି ମହାପାତ୍ର ଓ ଶିବ ମିଶ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ବିଶ୍ୱଶାନ୍ତି ନିମି ଯଜ୍ଞ, ପୂର୍ଣ୍ଣାହୁତି ଓ ମହାଦେବଙ୍କ ପୂଜା ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ମନ୍ଦିର କମିଟି ପକ୍ଷରୁ ପ୍ରଫୁଲ୍ଲ ରଥ, ନିମା ମହାନ୍ତି, କମଳ ମହାନ୍ତି, ଅରବିନ୍ଦ ତ୍ରିପାଠୀ, ତାପସ ମହାପାତ୍ର, ଡି.କେ. ପାଇକରାୟ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଭକ୍ତଙ୍କ ପାଇଁ ପ୍ରସାଦ ବିତରଣ କରାଯାଇଥିଲା।



# ସ୍କୁଲ ପାଠ୍ୟକ୍ରମରୁ ଡାରଓ୍ୱିନଙ୍କ ଜୈବ ବିବର୍ତ୍ତନ ତତ୍ତ୍ୱ ବାଦ ଦେବା ଘଟଣାକୁ ଏଆଇଡିଏସ୍‌ଓର ତୀବ୍ର ନିନ୍ଦା

**ଭୁବନେଶ୍ୱର:** ସ୍କୁଲ ପାଠ୍ୟକ୍ରମରୁ ଡାରଓ୍ୱିନଙ୍କ ଜୈବ ବିବର୍ତ୍ତନ ତତ୍ତ୍ୱ ବାଦ ଦେବା ଘଟଣାକୁ ଏଆଇଡିଏସ୍‌ଓ ତୀବ୍ର ନିନ୍ଦା କରୁଛି। ସ୍କୁଲ ପାଠ୍ୟକ୍ରମରୁ ଡାରଓ୍ୱିନଙ୍କ ଜୈବ ବିବର୍ତ୍ତନ ତତ୍ତ୍ୱ ସହ ଅନେକ ଗୁରୁତ୍ୱପୂର୍ଣ୍ଣ ବିଷୟବସ୍ତୁ ହଟାଇ ଦେବାର ଘୃଣ୍ୟ ଫାସିବାଦି ପଦକ୍ଷେପକୁ ବିରୋଧ କରି ଏଆଇଡିଏସ୍‌ଓ ର ସାଧାରଣ ସଂପାଦକ ସୌରଭ ଘୋଷ, ଓଡିଶା ରାଜ୍ୟ ସଭାପତି ସୋମନାଥ ବେହେରା ଓ ସମ୍ପାଦକ ସିଦ୍ଧାର୍ଥ ରଥ ଏକ ପ୍ରେସ ବିବୃତ୍ତିରେ କହିଛନ୍ତି; ପାଠ୍ୟକ୍ରମର ଚାପ ହ୍ରାସ କରିବା ନାଁ ରେ ଏନ୍‌ସିଇଆର୍‌ଟି ର ଏହି ପଦକ୍ଷେପ ବିଭିନ୍ନ ଦିଗରୁ ଅତ୍ୟନ୍ତ ବିପଦପୂର୍ଣ୍ଣ। ଦଶମ ଶ୍ରେଣୀରୁ ଜୀବବିଜ୍ଞାନରୁ ଜୈବ ବିବର୍ତ୍ତନ ତତ୍ତ୍ୱ ବାଦ ଦେବା ଅର୍ଥ ଯେଉଁ ଛାତ୍ରଛାତ୍ରୀ ଏକାଦଶ ଶ୍ରେଣୀରେ ଜୀବବିଜ୍ଞାନକୁ ନିଜ ବିଷୟ ଭାବେ ଚୟନ କରିବେ କେବଳ ସେମାନେ ହିଁ ଏହିତତ୍ତ୍ୱ ସମ୍ପର୍କରେ ଜାଣିବେ। କିନ୍ତୁ ଏହା ବାସ୍ତବ ଯେ ଆମ ପରିପାର୍ଶ୍ୱରେ ଥିବା ଜଗତକୁ ବୁଝିବା ପାଇଁ ଡାରଓ୍ୱିନଙ୍କ ତତ୍ତ୍ୱ କୁ ଜାଣିବା ଓ ବୁଝିବା ନିହାତି ଜରୁରୀ। ଏହିତତ୍ତ୍ୱ ଧର୍ମୀୟ ବିଶ୍ୱାସମୂଳକ ବ୍ୟବସ୍ଥା ଦ୍ୱାରା ସୃଷ୍ଟ ସମସ୍ତ ବିଭ୍ରାନ୍ତିର ଏକ ଉତ୍ତର ଦେଇଥିଲା। ପୁନଶ୍ଚ; ବୈଜ୍ଞାନିକ ଓ ଯୁକ୍ତିସମ୍ମତ ବିଶ୍ୱ ଦୃଷ୍ଟିଭଙ୍ଗୀ ଗଢିତୋଳିବା ପାଇଁ ଏହା ଅପରିହାର୍ଯ୍ୟ। ଡାରଓ୍ୱିନଙ୍କ କଷ୍ଟପ୍ରଦ ପ୍ରୟାସ ଓ ତାଙ୍କର ତୀକ୍ଷ୍ଣ ଜ୍ଞାନ ଏବଂ ପର୍ଯ୍ୟବେକ୍ଷଣ ତାଙ୍କୁ ପ୍ରାକୃତିକ ଚୟନର ତତ୍ତ୍ୱ ଆବିଷ୍କାର କରିବାରେ ସାହାଯ୍ୟ କରିଥିଲା। ଏହି ପ୍ରୟାସ ଗୁଡିକ ଛାତ୍ରଛାତ୍ରୀମାନଙ୍କୁ ବିଜ୍ଞାନର ପ୍ରକ୍ରିୟା ଓ ଯୁକ୍ତିଶୀଳ ଚିନ୍ତା ର ଗୁରୁତ୍ୱ ସମ୍ପର୍କରେ ଜ୍ଞାନ ପ୍ରଦାନ କରେ। ବିଶ୍ୱ ଜଗତ ସମ୍ପର୍କରେ ସାମଗ୍ରିକ ଧାରଣାର ବିକାଶ ପାଇଁ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ଜୈବ ବିବର୍ତ୍ତନ ସମ୍ପର୍କରେରେ ମୌଳିକ ଜ୍ଞାନ ରହିବା ଉଚିତ। ନିକଟରେ ସରକାର ଇତିହାସ ପୁସ୍ତକରୁ ମୋଗଲମାନଙ୍କ ବିଷୟ ମଧ୍ୟ ବାଦ ଦେଇଛନ୍ତି। ଯଦ୍ୱାରା ମୋଗଲମାନଙ୍କ ଭାରତୀୟ ସଂସ୍କୃତି, ଅର୍ଥନୀତି ଓ ବିବିଧତା ଆଦି କ୍ଷେତ୍ରରେ ଥିବା ସମୃଦ୍ଧ ଅବଦାନ ପାଠ୍ୟକ୍ରମରୁ ନିଶ୍ଚିହ୍ନ ହୋଇଯିବ। ଆହୁରି ମଧ୍ୟ; ଶିଳ୍ପ ବିପ୍ଳବ, ଗଣତନ୍ତ୍ର ଓ ବିବିଧତା ଏବଂ ହିନ୍ଦୀ କବି ନିରଳାଙ୍କ କବିତା ଇତ୍ୟାଦିକୁ ପାଠ୍ୟବହିରୁ ବାଦ ଦିଆଯାଇଛି। ଏହି ସମସ୍ତ ପରିବର୍ତ୍ତନ ହିନ୍ଦୁତ୍ୱବାଦୀ ଚିନ୍ତା ତଥା ଧର୍ମୀୟ କଟ୍ଟରତା ଓ ଜାତିବାଦର ପ୍ରସାର ପାଇଁ ପଥ ସୁଗମ କରିବ। ସଂକ୍ଷେପରେ ଏହା ହିନ୍ଦୁତ୍ୱବାଦୀ ଶିବିରର ମୂଳ ଲକ୍ଷ୍ୟ ଦେଶରେ ସର୍ବାତ୍ମକ ଫାଶିବାଦ କାଏମ କରିବା କ୍ଷେତ୍ରରେ ସହାୟକ ହେବ। ଏନ୍‌ସିଇଆର୍‌ଟି ଭଳି ଏକ ସ୍ୱାଧୀନ ସଂସ୍ଥାକୁ ସରକାର ଏହି ଭଳି ମନ୍ଦ ଉଦ୍ଦେଶ୍ୟରେ ବ୍ୟବହାର କରୁଥିବା ବିଷୟଟି ଗଭୀର ଚିନ୍ତାର ବିଷୟ। ତେଣୁ; ଏଆଇଡିଏସ୍‌ଓ ଏହି ପଦକ୍ଷେପକୁ ଦୃଢ ବିରୋଧ କରିବା ସହ ଏନ୍‌ସିଇଆର୍‌ଟିକୁ ଏହି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦୃଢ ଦାବି କରୁଛି। ଏହାସହ ସମଗ୍ର ଦେଶକୁ ଏହିଭଳି ଆକ୍ରମଣରୁ ରକ୍ଷା କରିବା ପାଇଁ ସମସ୍ତ ଛାତ୍ରଛାତ୍ରୀ, ଶିକ୍ଷକ, ଅଧ୍ୟାପକ ତଥା ସର୍ବସ୍ତରର ଶିକ୍ଷାପ୍ରେମୀ ସଚେତନ ନାଗରିକମାନଙ୍କୁ ଆଗେଇ ଆସିବାକୁ ଆହ୍ୱାନ କରୁଛି।

# କୋଣାର୍କ ଭଗବତୀ ମହାବିଦ୍ୟାଳୟର ଜମିକୁ ଗ୍ରାମ୍ୟ ନିର୍ମାଣ ବିଭାଗ ଜବର ଦଖଲ କରି ପ୍ରାଚୀର ନିର୍ମାଣ କାର୍ଯ୍ୟକୁ ବିରୋଧ

**କୋଣାର୍କ :** ଉଚ୍ଚ ଶିକ୍ଷାର ବିକାଶ ପାଇଁ ୧୯୭୮ ମସିହାରେ ଆନ୍ତର୍ଜାତିକ ପର୍ଯ୍ୟଟନ ସ୍ଥଳୀ କୋଣାର୍କରେ ଗଢିଉଠିଥିଲା କୋଣାର୍କ ଭଗବତୀ ମହାବିଦ୍ୟାଳୟ।

ଇତି ମଧ୍ୟରେ ମହାବିଦ୍ୟାଳୟକୁ ୪୫ ବର୍ଷ ବିତିଗଲାଣି। ହେଲେ ସରକାରଙ୍କ ଉଦାସିନତା ପାଇଁ ଏହି ମହାବିଦ୍ୟାଳୟଟି ବହୁ ପଛରେ ପଡି ଯାଇଛି। ମହାବିଦ୍ୟାଳୟ କବ୍ଜାରେ ଥିବା ଜମି ଏଯାବତ ମହାବିଦ୍ୟାଳୟ ନାମରେ ହୋଇପାରି ନଥିବା ବେଳେ ଜମି ମାଫିଆଙ୍କ ଲୋଲୁପ ଦୃଷ୍ଟି ଏହି ଜମି ଉପରେ ପଡିଛି। ଦୀର୍ଘ ୪୫ ବର୍ଷ ତଳେ ନିର୍ମିତ ନୁଆଣିଆ ବିପଦସଂକୁଳ ଆଜବେଷ୍ଟ ଘରେ ଚାଲିଛି ଶିକ୍ଷାଦାନ। ଯେଉଁ ହାରରେ ଏହି ମହାବିଦ୍ୟାଳୟଟି ଅଗ୍ରଗତି କରିବା କଥା ତାହା ସରକାରଙ୍କ ଉଦାସୀନତା ପାଇଁ ହୋଇ ପାରି ନାହିଁ। ମହାବିଦ୍ୟାଳୟ କବ୍ଜାରେ ଥିବା ଜମି ଉପରେ ବିଜୁ ପଟ୍ଟନାୟକ ଖେଳ ଭବନ ନିର୍ମାଣ ହୋଇଥିବା ବେଳେ ଏହି ଖେଳ ଭବନ ନିକଟରେ ଥିବା ଜମିକୁ କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ପକ୍ଷରୁ ହଡପ କରାଯାଇ ବେଆଇନ ପ୍ରାଚୀର ନିର୍ମାଣ କରାଯାଇଛି। ଏହି ନିର୍ମାଣ କାର୍ଯ୍ୟକୁ ବିରୋଧ କରି ବୁଧବାର ପୂର୍ବାହ୍ନ ସମୟରେ ମହାବିଦ୍ୟାଳୟ ପରିସରରେ ଜମି ସୁରକ୍ଷା ସମ୍ପର୍କୀତ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, ପୂର୍ବତନ କର୍ମକର୍ତ୍ତା ଓ ପୁରାତନ ଛାତ୍ର ସଂଘ, ବୁଦ୍ଧିଜୀବୀ ଓ କୋଣାର୍କ ଅଞ୍ଚଳବାସୀ ଯୋଗଦେଇ ତୀବ୍ର ନିନ୍ଦା କରିଛନ୍ତି। କୋଣାର୍କ ଭଗବତୀ ମହାବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ ତଥା ଶିକ୍ଷାବିତ ହରେକୃଷ୍ଣ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଏହି ସାଂଗଠନିକ ଓ କଲେଜ ଜମି ସୁରକ୍ଷା ସମ୍ପର୍କୀତ ବୈଠକରେ ମହାବିଦ୍ୟାଳୟ ପରିଚାଳନା କମିଟିର ପୂର୍ବତନ ସଂପାଦକ ବଂଶୀଧର ବିଶ୍ୱାଳ, ପ୍ରତିଷ୍ଠାତା ସଦସ୍ୟ ତଥା ପୂର୍ବତନ କାଉନସିଲର ଗୋକୁଳାନନ୍ଦ ସେଠୀ, ପୂର୍ବତନ ପରିଚାଳନା କମିଟି ସଭାପତି ପ୍ରଫୁଲ୍ଲ କୁମାର ପାତ୍ର, ପୁରାତନ ଛାତ୍ର ସଂଘ ଉପଦେଷ୍ଟା ରାଜକିଶୋର ମହାପାତ୍ର, ପ୍ରାକ୍ତନ ପ୍ରାଧ୍ୟାପକ ଶରତଚନ୍ଦ୍ର ପ୍ରଧାନ, ବରିଷ୍ଠ ସାମ୍ବାଦିକ ଏନଏ ଶାହ ଅନସାରୀ, ପୂର୍ବତନ ଉପାଧକ୍ଷ ଅନ୍ନପୂର୍ଣ୍ଣା ପାତ୍ର, କଂଗ୍ରେସ ନେତା ଭାସ୍କର ଚନ୍ଦ୍ର ସେଠ, ପୂର୍ବତନ ଛାତ୍ର ରାମକୃଷ୍ଣ ମହାନ୍ତି, ପୂର୍ବତନ କାଉନସିଲର ରଣଜିତ ରାଉତରାୟ,ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ମହାପାତ୍ର, ପୁରାତନ ଛାତ୍ର ନେତା ଭାଗୀରଥୀ ସ୍ୱାଇଁ, ପୁରାତନ ଛାତ୍ର ନେତା ପିନାକୀ ପ୍ରସାଦ ନାୟକ ପ୍ରମୁଖ ଯୋଗଦେଇ ମହାବିଦ୍ୟାଳୟ ଅଧିନରେ ଥିବା ଜାଗାକୁ ଗ୍ରାମ୍ୟ ନିର୍ମାଣ ବିଭାଗ ବେଆଇନ ଭାବେ ହଡ଼ପ ପାଇଁ ଷଡଯନ୍ତ୍ର କରି ସେଥିରେ ବେଆଇନ ପ୍ରାଚୀର ନିର୍ମାଣ କରିଥିବା ଘଟଣାକୁ ତୀବ୍ର ନିନ୍ଦା କରିବା ସହ ଏଭଳି ବେଆଇନ କାର୍ଯ୍ୟରୁ ନିବୃତ୍ତ ରହିବା ପାଇଁ ପ୍ରତିଷ୍ଠା ସଦସ୍ୟ ଓ ପୁରାତନ ଛାତ୍ରଛାତ୍ରୀମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟ କବ୍ଜାରେ ଥିବା ଜମିରେ କୋଣାର୍କ ଗ୍ରାମ୍ୟ ନିର୍ମାଣ ଉପଖଣ୍ଡ ଅନଧିକାର ପ୍ରବେଶ କରି ବେଆଇନ ଜବରଦଖଲ କରିବା ଓ ପ୍ରାଚୀର ନିର୍ମାଣ କରିଥିବା ସମ୍ପର୍କରେ ଭଗବତୀ ମହାବିଦ୍ୟାଳୟ ପୁରାତନ ଛାତ୍ର ସଂଘ ପକ୍ଷରୁ ଗତ ୧୦ତାରିଖ ଦିନ କୋଣାର୍କ ଥାନାରେ ଲିଖିତ ଅଭିଯୋଗ ହୋଇଥିଲା। ପୋଲିସ ଗ୍ରାମ୍ୟ ନିର୍ମାଣ ବିଭାଗର ଅଧିକାରୀ ଓ ନିର୍ମାଣ କାର୍ଯ୍ୟ ଦାୟିତ୍ୱରେ ଥିବା ଠିକାଦାର ପ୍ରମୁଖଙ୍କୁ ଏଭଳି ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏଭଳି ବେଆଇନ କାମ ବନ୍ଦ କରିବା ପାଇଁ ପୋଲିସ ୪ଦିନ ସମୟ ଦେଇଥିଲା। ଏହି ନିର୍ଦ୍ଦେଶକୁ ଗ୍ରାମ୍ୟ ନିର୍ମାଣ ବିଭାଗ ନମାନି ଜବର ଦଖଲ କରିବା ସହ ପ୍ରାଚୀର ନିର୍ମାଣ କରିଥିଲେ। ପ୍ରଶାସନ ପକ୍ଷରୁ ଏହିଘଟଣା ଉପରେ କୌଣସି ଠୋସ ପଦକ୍ଷେପ ଗ୍ରହଣ କରା ନ ଯିବାରୁ ଆଜି ମହାବିଦ୍ୟାଳୟ ଜମି ସୁରକ୍ଷା ନିମନ୍ତେ ମହାବିଦ୍ୟାଳୟ ପରିଚାଳନା କମିଟିର ପ୍ରାକ୍ତନ କର୍ମକର୍ତ୍ତା, ପ୍ରତିଷ୍ଠାତା ସଦସ୍ୟ, ପୁରାତନ ଛାତ୍ର ସଂଘ, ବୁଦ୍ଧିଜୀବୀ, ଶିକ୍ଷାବିତ, ଅଧ୍ୟୟନରତ ଛାତ୍ର ଛାତ୍ରୀ ଓ ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ପରିଚାଳନା କମିଟି ପ୍ରାକ୍ତନ ସଂପାଦକ ବଂଶୀଧର ବିଶ୍ୱାଳ ଏଥିରେ ଯୋଗଦେଇ ମୁଣ୍ଡ ଝାଳ ତୁଣ୍ଡେ ମାରି ମହାବିଦ୍ୟାଳୟ ଅଧିନରେ ଥିବା ଜାଗାକୁ ଅନାଧିକାର ଜବରଦଖଲ ଓ ଅଧିଗ୍ରହଣକୁ ବରଦାସ୍ତ କରାଯିବ ନାହିଁ ବୋଲି ମତବ୍ୟକ୍ତ କରିଥିଲେ। ଏଥିପାଇଁ ପୁରାତନ ଛାତ୍ର ସଂଘ ଓ ଅଧ୍ୟୟନରତ ଛାତ୍ର ଛାତ୍ରୀ ମାନେ ଆଗେଇ ଆସିବା ସହ କଲେଜ ଜମିର ସୁରକ୍ଷା ପାଇଁ ସାମୁହିକ ଭାବରେ ପ୍ରୟାସ କରିବା ପାଇଁ ଆହ୍ୱାନ ଦେଇଥିଲେ। ମହାବିଦ୍ୟାଳୟ ଜମିକୁ ଗ୍ରାମ୍ୟ ନିର୍ମାଣ ବିଭାଗ ପକ୍ଷରୁ ବେଆଇନ ଭାବେ ହଡ଼ପ ପାଇଁ ଷଡଯନ୍ତ୍ର ମସୁଧା ଓ ବେଆଇନ ନିର୍ମାଣ କାର୍ଯ୍ୟକୁ ବନ୍ଦ କରିବା ପାଇଁ ପୁରାତନ ଛାତ୍ର ସଂଘ, ମହାବିଦ୍ୟାଳୟ ପ୍ରତିଷ୍ଠାତା ସଦସ୍ୟ, ପୂର୍ବତନ କର୍ମକର୍ତ୍ତା, ବୁଦ୍ଧିଜୀବୀ, ଶିକ୍ଷାବିତ, ଅଧ୍ୟୟନରତ ଛାତ୍ର ଛାତ୍ରୀ ଓ ଅଭିଭାବକ ମାନଙ୍କ ପକ୍ଷରୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ଦାବିପତ୍ର ପ୍ରଦାନ କରାଯିବ ବୋଲି ପୁରାତନ ଛାତ୍ର ସଂଗଠନର ଉପଦେଷ୍ଟା ରାଜକିଶୋର ମହାପାତ୍ର ପ୍ରକାଶ କରିଛନ୍ତି। ମହାବିଦ୍ୟାଳୟ କବ୍ଜାରେ ଥିବା ଜମି ଉପରେ ଲୋଲୁପ ଦୃଷ୍ଟି ପକାଇଲେ କାହାରିକୁ ଛଡାଯିବ ନାହିଁ ବେଲି ପୁରାତନ ଛାତ୍ର ସଂଗଠନ ପକ୍ଷରୁ ଚେତାବନୀ ଦିଆଯାଇଛି।






# ଦି ବ୍ରେନ୍ ଫାଉଣ୍ଡେସନ୍ ପକ୍ଷରୁ ବିଶ୍ୱ ମ୍ୟାଲେରିଆ ଦିବସ ପାଳନ




**କଟକ :** ୨୬/୪ – ବିଶ୍ୱ ମ୍ୟାଲେରିଆ ଦିବସ ଅବସରରେ କଟକ ତେଲେଙ୍ଗା ବଜାର ପୁରୀଘାଟ ସିଥ୍ଥ 'ଦିବ୍ରେନ ଫାଉଣ୍ଡେସନ' ଆନୁକୂଲ୍ୟରେ ଟ୍ରଷ୍ଟର ସମ୍ମିଳନୀ କକ୍ଷରେ ମ୍ୟାନେଜିଂ ଟ୍ରଷ୍ଟି ଡାକ୍ତର ସମ୍ରାଟ କରଙ୍କ ଅଧ୍ୟକ୍ଷତାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଓ ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ପ୍ରଫେସର ଡାକ୍ତର ଗୋପାଳଚନ୍ଦ୍ର କର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବିଶିଷ୍ଟ ମାନସିକ ରୋଗ ବିଶେଷଜ୍ଞ ଡାକ୍ତର ସମ୍ରାଟ କର ୨୦୦୦ ମସିହା ଠାରୁ ମ୍ୟାଲେରିଆରୁ ଲକ୍ଷ ଲକ୍ଷ ଜୀବନ ରକ୍ଷା କରି ବିଶ୍ୱ ଐତିହାସିକ ପ୍ରଗତି ହାସଲ କରିଛି। ତଥାପି ଅଧା ବିଶ୍ୱ ଏହି ଚିକିତ୍ସା ଯୋଗ୍ୟ ଓ ଆରୋଗ୍ୟଯୋଗ୍ୟ ରୋଗ ଠାରୁ ମୁକ୍ତି ପାଇନାହିଁ। ସେଥିପାଇଁ ମ୍ୟାଲେରିଆ ବିରୁଦ୍ଧରେ ସମ୍ମିଳିତ ଲଢ଼େଇ ଓ କର୍ତ୍ତବ୍ୟ ରହିଛି। ମ୍ୟାଲେରିଆ ସହ କୋଭିଡ଼-୧୯ ଏକ ମାରାତ୍ମକ ସ୍ୱାସ୍ଥ୍ୟ ଚେତାବନୀ ବୋଲି ସେ ମତବ୍ୟକ୍ତ କରିଥିଲେ। ଚଳିତ ବର୍ଷ ଏହି ଦିବସ ପାଳନର ବାର୍ତ୍ତା ରହିଛି 'ଶୂନ୍ୟ ମ୍ୟାଲେରିଆର ସମୟ : ନିବେଶ, ଉଦ୍ଭାବନ, କାର୍ଯ୍ୟକାରୀ କର'। ଏହି ସଭାରେ ଅନ୍ୟତମ ଅତିଥି ଭାବେ ସୁଲେଖିକା ଡକ୍ଟର ଗାୟତ୍ରୀ ଦେବୀ ଯୋଗ ଦେଇଥିଲେ। ଶେଷରେ ସଂପାଦକ ରାଧାମୋହନ ସାହୁ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଶ୍ୱରୂପ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିବାବେଳେ ସନ୍ତୋଷ କୁମାର ବାରିକ, ତୁମ୍ବି ଭଦ୍ରା, ବ୍ରଜ ବେହେରା, ମିହିର ସ୍ୱାଇଁ, ବେଣୁଧର ବେହେରା, ବାସୁଦେବ ସାହୁ ଓ ନିଳମଣୀ ବେହେରା, ଶିଶିର କୁମାର ବରାଳ, ସୁକାନ୍ତି ଲେଙ୍କା, ଦୋଳଗୋବିନ୍ଦ ମହାନ୍ତ, ସରୋଜ ମୁଣ୍ଡା, ଦେବାଶିଷ ପୃଷ୍ଟି, ଯୋଗୀ ମହାନ୍ତ, ସୁନୀଲ ଦେହୁରି, ପ୍ରଦୀପ ପାଲ, ନମିତା ପଟ୍ଟନାୟକ, ବିକାଶ ବାରିକ, ମିହିର ସ୍ୱାଇଁ, ବିକ୍ରମ ମଲ୍ଲିକ ପ୍ରମୁଖ ଉପସ୍ଥିତ ରହିଥିଲେ।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674) 2550751/2555116, Fax No. : 2550504, E-mail :editorpbko@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray